## ରାସ୍ତା ଉପରେ ଜଳିଗଲା ଗାଡ଼ି



ଝାରସୁଗୁଡ଼ା ଅଫିସ୍: ଝାରସୁଗୁଡ଼ା ଜିଲା ବେଲପାହାଡ-ଗାନ୍ଧୀଛକ ୪୯ନଂ ଜାତୀୟ ରାଜପଥରେ ବୁଧବାର ଯାଉଥିବା ଏକ ଟାଟା ମେକ୍ସିମୋ ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଚାଳକ ଜାଣିପାରି ରାସ୍ତା କଡରେ ଗାଡିରଖି ବାହାରିଯିବାରୁ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଟାଟା କ୍ରୋସାକୀ କମ୍ପାନୀର ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ଗାଡ଼ିର ଇଞ୍ଜିନ ସମ୍ପୂର୍ଣ୍ଣ ପୋଡିଯାଇଛି। ଶର୍ଟ ସର୍କିଟ୍‌ରୁ ଏଭଳି ହେଲା ବୋଲି ସନ୍ଦେହ କରାଯାଉଛି। ଏ ନେଇ ବେଲପାହାଡ ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ରଶ୍ମିତା ବେହେରା କହିଛନ୍ତି।

## ସଂକ୍ଷେପରେ

### ଖାଉଟି ଅଦାଲତରେ ଏସ୍‌ଅସ କମ୍ପାନୀ ଦଣ୍ଡିତ

ସମ୍ବଲପୁର,୨୪।୩(ବ୍ୟୁରୋ): ସମ୍ବଲପୁର ଖାଉଟି ଅଦାଲତରେ ଏସ୍‌ଅସ କମ୍ପାନୀ ଦଣ୍ଡିତ ହୋଇଛି। ଗ୍ରାହକ ବ୍ୟୋମକେଶ ପାଣିଗ୍ରାହୀଙ୍କ ସପକ୍ଷରେ ଅଦାଲତ ରାୟ ଦେଇଥିଲେ। ମାମଲା ବାବଦକୁ ୯ ପ୍ରତିଶତ ସୁଧ ସହିତ ୮ ହଜାର ଓ ୫ ହଜାର ଟଙ୍କା, ମାଗଣାରେ ମୋବାଇଲ ଫୋନ ମରାମତି ଓ ଆଜିଠାରୁ ଏକବର୍ଷ ପାଇଁ ୱାରେଣ୍ଟି ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପତ୍ର ପାଇବାର ଏକମାସ ଭିତରେ ପାଳନ କରିବାକୁ କୁହାଯାଇଛି। ଗ୍ରାହକଙ୍କ ପକ୍ଷରୁ ପ୍ରିତିଶ ଦେବତା ଓ ସୁଦିପ୍ତ ରଞ୍ଜନ ପଣ୍ଡା ଓକିଲ ରହିଥିଲେ। ସୂଚନାଯୋଗ୍ୟ, ଗ୍ରାହକ ପାଣିଗ୍ରାହୀ ୨୦୧୫ ମସିହାରେ ଫ୍ଲାପ୍‌କାର୍ଡରେ ଅନ୍‌ଲାଇନ ମଧମରେ ଏକ ମୋବାଇଲ ଫୋନ କିଣିଥିଲେ। ଏଲ୍‌ଇଡି ସ୍କ୍ରିନ ଖରାପ ହୋଇଯିବାରୁ ସେ ଏହାକୁ ନେଇ ସର୍ଭିସ ସେଣ୍ଟରକୁ ଯାଇଥିଲେ । ହେଲେ ସେଠାରେ ମରାମତି କରିବାକୁ ମନାକରି ଟଙ୍କା ଦାବି କରିଥିଲେ। ପରେ ପାଣିଗ୍ରାହୀ ଆଇନର ଆଶ୍ରୟ ନେଇଥିଲେ।

### ଅଭିଭାବକଙ୍କ ସହ ପ୍ରଶାସନର ବୈଠକ

ସମ୍ବଲପୁର,୨୪।୩(ବ୍ୟୁରୋ): ସମ୍ବଲପୁର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବୁଧବାର ପ୍ରଶାସନ ଓ ଦୀନଦୟାଲ ଉପାଧ୍ୟ ଯୋଜନାରେ ଚୟନ ହୋଇଥିବା ଯୁବତୀଯୁବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପିଡି ଡିଆର୍‌ଡିଏ ସୁକାନ୍ତ ତ୍ରିପାଠୀ, ଓର୍‌ମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଦୀନଦୟାଲ ଯୋଜନାର ଲକ୍ଷ୍ୟ ଓ ଏହା କିଭଳି ଯୁବତୀଯୁବକଙ୍କ ପାଇଁ ଲାଭଦାୟକ ସେ ନେଇ ବ୍ୟକ୍ତବ୍ୟ ଦେଇଥିଲେ। ଅଭିଭାବକମାନେ ମଧ ତାଙ୍କ ପିଲାମାନଙ୍କ ତାଲିମ ପରେ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧରେ ଓଡିଶା ଜୀବିକା ମିଶନ ଡିପିଏମ ପୁଷ୍ପଶ୍ରୀ ନାଏକ, ସୌରଭ ରାୟ, ପ୍ରିୟମ୍ବଦା ଗୁରୁ ଉପସ୍ଥିତ ଥିଲେ।

### ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ



ବ୍ରଜରାଜନଗର, ୨୪।୩ (ଡି.ଏନ.ଏ.): ବ୍ରଜରାଜନଗର ଟ୍ରକ ମାଲିକ ସଂଘ ନିର୍ବାଚନ ଶେଷ ହୋଇଛି। ସଭାପିତ ଭାବେ ସତିଶ ସିଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦେବ ଦାଶଙ୍କୁ ୯ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ସାଧାରଣ ସମ୍ପାଦକ ବିଜୟ ସିଂ, ସହ ସମ୍ପାଦକ ମଧୁସୂଦନ ସିଂ, ଉପସଭାପତି ଅରୁଣ ଯାଦବ ଓ କୋଷାଧକ୍ଷ ଭାବେ ରାଜୀବ ସିଂ ନିର୍ବାଚିତ ହୋଇଛନ୍ତି। ମୋଟ ୬୯୯ ଭୋଟରୁ ୫୭୦ ପୁଲିଂ ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାଏକଙ୍କ ତତ୍ତ୍ୱାବଧାନରେ ନିର୍ବାଚନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ଏସ୍‌ଡିପିଓ ଦିଲୀପ ଦାସଙ୍କ ସହିତ ଦୁଇ ଥାନା ଅଧିକାରୀ ଦିଲୀପ ମୋଦୀ, ବୈକୁଣ୍ଠ ସେଠ ପୋଲିସ ଫୋର୍ସ ସହିତ ଉପସ୍ଥିତ ଥିଲେ।

### ଏନ୍‌ଏସ୍‌ସିବି ଅଧିକାରୀଙ୍କୁ ଏନ୍‌ଏସ୍‌ଏସ୍ ପୁରସ୍କାର

ସମ୍ବଲପୁର, ୨୪।୩ (ବ୍ୟୁରୋ): ରାଜ୍ୟସ୍ତରୀୟ ଏନ୍‌ଏସଏସ ପୁରସ୍କାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ କାର୍ଯ୍ୟକ୍ରମ ଅଧିକାରୀ ଡ. ବିଶ୍ୱମୋହନ ଜେନା ଓ ଛାତ୍ର ସରୋଜ ରଣାଙ୍କୁ ପ୍ରଦାନ କରାଯାଇଛି। ୨୦୧୯-୨୦ ବର୍ଷ ଲାଗି ବିଶ୍ୱମୋହନ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ଅଧିକାରୀ ଓ ସରୋଜ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ସଚିବ ଶାଶ୍ୱତ ମିଶ୍ର, ଏନ୍‌ଏସ୍‌ଏସ୍ ରାଜ୍ୟ ନୋଡାଲ ଅଧିକାରୀ ତଥା ଉପସଚିବ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱମୋହନ ଓ ସରୋଜଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ବିଶ୍ୱ ଯକ୍ଷ୍ମା ଦିବସ

ସମ୍ବଲପୁର, ୨୪।୩ (ବ୍ୟୁରୋ): ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ବୁଧବାର ବୋମାଲୋଇ ପଞ୍ଚାୟତ ଅନ୍ତର୍ଗତ ଓରାମ ପଡାଠାରେ ପାଳିତ ହୋଇଯାଇଛି। ଲଇଡା ସିଏଚ୍‌ସି ଅଧିକାରୀ ଯଦୁମଣୀ ଗନିକ ଯୋଗଦେଇ ଯକ୍ଷ୍ମା ରୋଗର କାରଣ, ଲକ୍ଷଣ ଓ ଦୂରୀକରଣ ବିଷୟରେ ଆଲୋଚନା କରିଥିଲେ।



ସଦର ରେଞ୍ଜରେ ଦନ୍ତାହାତୀ ଆକ୍ରମଣରେ ଭାଙ୍ଗିଥିବା ଘର ।



ଦନ୍ତା ହାତୀ ।

# ଭୟ ସୃଷ୍ଟି କରୁଛି ଦନ୍ତା

ସମ୍ବଲପୁର,୨୪।୩(ବ୍ୟୁରୋ)

**ବର୍ଷକରେ ୭ ମୃତ, ଭାଙ୍ଗିଛି ୧୫୦ ଘର**

- **ଶ୍ରମିକ ସୁରକ୍ଷା ପ୍ରତି ବନ ନିଗମର ଅବହେଳା**
- **ବିକଳ୍ପ ବ୍ୟବସ୍ଥା ଦାବି କଲେ ଲୋକେ**

ସମ୍ବଲପୁର ବନଖଣ୍ଡରେ ଏକ ଦନ୍ତା ହାତୀ ପ୍ରାୟ ଏକବର୍ଷ ହେବ ବନ ବିଭାଗ ଓ ଅଞ୍ଚଳବାସୀଙ୍କ ହୋସ୍ ଉଡାଇ ଦେଇଛି। ଘରଦ୍ୱାର ଭାଙ୍ଗିବା ସହ ଲୋକଙ୍କୁ ଆକ୍ରମଣ କରୁଛି। ନିଆଁ ଓ ବାଣକୁ ଯେପରି ତା'ର ଭୟ ନାହିଁ। ତେଣୁ ଦନ୍ତାହାତୀକୁ ବନ କର୍ମଚାରୀ ଓ ସ୍ଥାନୀୟ ଲୋକ ଡନ୍ ନାମ ଦେଇଛନ୍ତି। ଏହି ଡନ୍ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ବର୍ଷକରେ ୭ ଜୀବନ ନେଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି।

ମଙ୍ଗଳବାର ରାତିରେ ସଦର ରେଞ୍ଜ ଅଧୀନ କୁଢେରନିଶା ଗ୍ରାମରେ ବନ ନିଗମର ବାଉଁଶ କାଟିବାରେ ନିୟୋଜିତ ଶ୍ରମିକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେମାନେ ହେଲେ ବରଗଡ ଜିଲା ଅତାବିରା ଜୁନେନ ଗ୍ରାମର ହୀରାଲାଲ ମିର୍ଦ୍ଧା (୬୦) ଓ ରୁନିପାଲିର ତେଲେଙ୍ଗା କୁଜୁର (୫୪)। ପୂର୍ବରୁ ଜମନକିରା ମହଦା ପଞ୍ଚାୟତରେ ଇଟାଭାଟି କାମ କରୁଥିବା ଶ୍ରମିକ ପ୍ରଶାନ୍ତ ମୁଣ୍ଡା ଓ ତାଙ୍କ ଝିଅ ରୀନା ମୁଣ୍ଡାଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ସେହିପରି ଗତ ଏପ୍ରିଲ ୧ ତାରିଖ କେଶାପାଲି ଗ୍ରାମ ନିକଟରେ ଦନ୍ତା ଉପଦ୍ରବରେ ଘର ଭାଙ୍ଗି ଚାପି ହୋଇଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ କୁନ୍ଧ ମିର୍ଦ୍ଧା (୫୫) ଉମଲା ମିର୍ଦ୍ଧା (୫୦) ଓ ରଶ୍ମିତା ମାଝି (୧୨)। ମଙ୍ଗଳବାର ଘଟିଥିବା ଘଟଣାରେ ମୃତ ପରିବାର ବର୍ଗଙ୍କୁ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯାଇଛି। ବନ ନିଗମର ଅବହେଳା ଯୋଗୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବାଉଁଶ କାଟିବା ପାଇଁ ବନ ନିଗମ ଜଣେ ରାଜ୍ୟ ବାହାର ଛତିଶଗଡର ଠିକାଦାରଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ବାଉଁଶ କାଟି କର୍ପୋରେସନକୁ ଦେବ। ହେଲେ ଏଥିରେ ନିୟୋଜିତ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଠିକାଦାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଶ୍ରମିକମାନଙ୍କୁ କୁଢେରନିଶା ବନ୍ଧ ହିଡ ଓ ଗାଁମୁଣ୍ଡରେ ବାଉଁଶ ପାତି ଓ ପଲିଥିନରେ କୁଡିଆ କରି ରଖାଯାଉଛି। ନିକଟରେ ବନ ବିଭାଗ ପକ୍ଷରୁ କମ୍ୟୁନିଟି ଗୃହ ନିର୍ମାଣ କରାଯାଉଛି। ହେଲେ ସେଠାରେ ମଧ ଥଇଥାନ କରାଯାଉ ନାହିଁ, ଫଳରେ ଅଘଟଣ ଘଟୁଥିବା ଅଭିଯୋଗ ହେଉଛି। ତୁରନ୍ତ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ବନଖଣ୍ଡ ଡିଏଫ୍‌ଓ ଡ. ସଞ୍ଜୀତ କୁମାର କହିଛନ୍ତି, ଦନ୍ତା ହାତୀକୁ ନେଇ ବନ ବିଭାଗ ଚିନ୍ତିତ ରହିଛି। ଘଉଡାଇବା ପାଇଁ ବ୍ୟବସ୍ଥା କରାଯାଉଛି। ହେଲେ ମଧ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛି। ଅନେକ ଘର ଭାଙ୍ଗିଥିବା ଅଭିଯୋଗ ହେଉଛି। ଦନ୍ତା ଅକ୍ରମଣରେ ଗତକାଲି ୨ ଜଣଙ୍କ ମୃତ୍ୟୁ ଘଟିଛି। ହେଲେ ଅନ୍ୟ ୨ ସ୍ଥାନରେ ୫ ଜଣଙ୍କ ମୃତ୍ୟୁ ଏହି ହାତୀ ଆକ୍ରମଣରେ ହୋଇଥିବା ସ୍ପଷ୍ଟ ହୋଇପାରି ନାହିଁ।

## ଦୁଇ ବିଭାଗ ସମନ୍ୱୟରୁ ଦୂରେଇଲା ଅଘଟଣ

ସମ୍ବଲପୁର, ୨୪।୩ (ବ୍ୟୁରୋ)

**ଟ୍ରେନ୍ ଧକ୍କାରୁ ବର୍ତ୍ତିଲେ ୨ ହାତୀ**

ସମ୍ବଲପୁର-ତାଳଚେର ରେଳପଥ ସଦର ରେଞ୍ଜ ଭବାନୀପାଲି ଗ୍ରାମ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ହାତୀ ରେଳ ଧାରଣା ପାର ହେଉଥିବାବେଳେ ଟ୍ରେନ ଧକ୍କାରୁ ବର୍ତ୍ତିଯାଇଛନ୍ତି। ରେଲ୍‌ୱେ ଓ ବନ ବିଭାଗ ସମନ୍ୱୟ ରଖି ସୂଚନା ଆଦାନପ୍ରଦାନ ଫଳରେ ଏକ ବଡ ଅଘଟଣ ଦୂରେଇ ଯାଇଥିବା ଚର୍ଚ୍ଚା ହେଉଛି।

ବିଶେଷ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ରାତି ପ୍ରାୟ ୧ଟା ସମୟରେ ହାତୀପଲ ଭବାନୀପାଲି ନିକଟ ହାତୀ ଚଲାପଥ (୧୯ନଂ.)ରେ ରେଳ ଧାରଣା ଅତିକ୍ରମ କରୁଥିଲେ। ଏଥିରୁ ଦୁଇ ହାତୀ କୌଣସି କାରଣରୁ ପଛକୁ ଘୁଞ୍ଚିଆସିଥିଲେ। ଫଳରେ ହାତୀ ଟ୍ରେକରମାନେ ଭୟଭୀତ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ବନ ଅଧିକାରୀ ସଙ୍ଗେ ସଙ୍ଗେ ରେଲ୍‌ୱେ କଣ୍ଟ୍ରୋଲ ରୁମ୍ ମାନେଶ୍ୱର ଷ୍ଟେଶନ ଓ ଯୁଯୁମୁରା ଷ୍ଟେଶନକୁ ଅବଗତ କରାଇଥିଲେ। ରେଳ କର୍ମଚାରୀ ତୁରନ୍ତ ପଦକ୍ଷେପ ନେଇ ପୁରୀ-ସୁରଟ୍ ଟ୍ରେନର ଗତି କମାଇ ଦେଇଥିଲେ। ହାତୀ ଚଲାପଥ ସ୍ଥାନକୁ ଆସିବା ପୂର୍ବରୁ ପ୍ରାୟ ୫ ମିନିଟ ଅଟକି ରହିଥିଲା। ବନ କର୍ମଚାରୀ ହାତୀଙ୍କୁ ଘଉଡାଇବା ପରେ ଟ୍ରେନ୍‌ଟି ଧୀରେ ଧୀରେ ଗତି ବଢ଼ାଇ ସମ୍ବଲପୁର ଅଭିମୁଖେ ଆସିଥିଲା। ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଡିସେମ୍ବର ୨୧ରେ ପୁରୀ-ସୁରଟ୍ ଟ୍ରେନ୍ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଉଭୟ ବିଭାଗ ପରସ୍ପରକୁ ଦୋଷାରୋପ କରିଥିଲେ। ପରେ ମିଳିତ ବୈଠକ ହୋଇ ଆଗକୁ ସମନ୍ୱୟ ରଖି ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପରି କି ହାତୀ ଚଲାପଥ ସ୍ଥାନରେ ଟ୍ରେନ୍‌ର ଗତି କମାଇବା ପାଇଁ ବନ ବିଭାଗ ପ୍ରସ୍ତାବ ଦେଇଥିଲା। ସେହିପରି ଉଭୟ ବିଭାଗର ସମନ୍ୱୟ ରହିଲେ ଆଗକୁ ଦୁର୍ଘଟଣା ରୋକାଯାଇପାରିବ ବୋଲି ରେଲ୍‌ୱେ ପକ୍ଷରୁ କୁହାଯାଇଛି।

## ଅନ୍ତର୍ଜାତୀୟ ଯକ୍ଷ୍ମା ଦିବସରେ ଗଡ଼ିଲା ସଚେତନତା ରଥ

ଝାରସୁଗୁଡ଼ା ଅଫିସ,୨୪।୩



ମୁଖ୍ୟଅତିଥି ଜଣେ ଆଶାକର୍ମୀଙ୍କୁ ପୁରସ୍କୃତ କରୁଛନ୍ତି।

ଝାରସୁଗୁଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆନ୍ତର୍ଜାତୀୟ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ସିଡିଏମ୍‌ଓ ଡା. ଲାଲ ମୋହନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିପିଏଚ୍‌ଓ ଡା. ଡୋଲାମଣି ପଟେଲ,ଏଡିପିଏଚ୍‌ଓ ଡା. ସୁପ୍ରଭା ବାରିକ, ଡା.ଏଚ୍.କେ. ନାୟକ, ଏଡିପିଏଚ୍‌ଓ ଡା. ରବୀନ୍ଦ୍ର ନାଥ ମାଝି, ଡିଏସ୍‌ଏମ୍‌ଓ ଡା. ମଧୁଲିତା ସାହୁ, ଡା.ଆର୍.କେ. ଚୌଧୁରୀ, ଡିପିଏମ୍ ବୁଲୁନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଯକ୍ଷ୍ମା ସମ୍ପର୍କିତ 'ବ୍ଲକ୍ ଇଜ୍ ଟିକିଂ'ଶୀର୍ଷକ ଆଲୋଚନା ଚକ୍ର ହୋଇଥିଲା। ଏଥିରେ ସିଡିଏମ୍‌ଓ ଡା.ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଗ ଚିହ୍ନଟ ପରେ ନିୟମିତ ଔଷଧ ସେବନକରି ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଡା.ଜିଆଭଲ୍ ହକ୍‌ବେ, ଡା.ଏସ୍‌କେ ଲାଠ, ଡା.ଏମ୍‌ଜେ ଡୋରା, ଆଶାକର୍ମୀ କୋଲାବିରା ବ୍ଲକ୍ ସଞ୍ଜୁଲତା ମାଝି, ଲଇକେରା ବ୍ଲକ୍ ଚନ୍ଦ୍ରକାନ୍ତି କଉଡି, ଲଖନପୁର ବ୍ଲକ୍ ଜୟନ୍ତୀ ଭୋଇ, କିର୍ମିରା ବ୍ଲକ୍ ମହେନ୍ଦ୍ରୀ ବାଗ୍, ଝାରସୁଗଡା ବ୍ଲକ୍ ଗ୍ରାମାଞ୍ଚଳ ଜାମିନୀ ପଟେଲ, ବ୍ରଜରାଜନଗର ସହର ଚିତ୍ରା ହରିପାଲ, ଝାରସୁଗୁଡା ସହର ରୀନା ସା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଯକ୍ଷ୍ମା ରୋଗ ଚିହ୍ନଟ ପ୍ରକ୍ରିୟାରେ ଲଖନପୁର ବ୍ଲକ୍ ବେଷ୍ଟ ବ୍ଲକ୍‌ଓ ବେଷ୍ଟ କ୍ୟାମ୍ପେନିଂ ଭାବେ ଲଇକେରା ବ୍ଲକ୍ ପୁରସ୍କୃତ ହୋଇଛି। ମୁଖ୍ୟଅତିଥି ସିଡିଏମ୍‌ଓ ଡା. ରାଉତରାୟ ସବୁଜ ପତାକା ଦେଖାଇବା ପରେ ଏକ ସଚେତନତା ରଥ ଆଗକୁ ଗଡିଥିଲା। ଏଥିରେ ଡିପିସି (ଏନ୍‌ଟିଇପି)ରେଶ୍ମା ରଣା, ଆଲୋକ କୁମାର ଝରିଆ, ଅଜିତ ବିଶ୍ୱାଳ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ।

## ଡିଏଭି ସ୍କୁଲର ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା ଅଫିସ, ୨୩।୩

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ତ୍ରିବିଂଶତିତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଓ ସହଧର୍ମିଣୀ ପୁଷ୍ପାଞ୍ଜଳି ପଣ୍ଡା, ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ ଓ ସହଧର୍ମିଣୀ ରେଖା ରାୟ ଚୌଧୁରୀ ପ୍ରମୁଖଙ୍କ କର୍ତ୍ତୃତ୍ୱରେ ବିଦ୍ୟାଳୟ ପରିସରରେ ଶୋଭିତ ଜାତୀୟ ବୀରଙ୍କୁ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଶ୍ୱଶାନ୍ତି ପାଇଁ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଭର୍ଚୁଆଲରେ ପାଳନ କରାଯାଉଥିବା ଉତ୍ସବରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅନ୍‌ଲାଇନରେ ସନ୍ନିବେଶ କରାଯାଇଥିଲା। ଅଧକ୍ଷ ପଣ୍ଡା, ସୁପରଭାଇଜର ଏମ.ଭି.ଏଲ.ଏନ. ରାଓ, ଶିକ୍ଷକ ଅଲେଖ ବିହାରୀ ସାହୁ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବେଦୁଲା ଓ ଅପର୍ଣ୍ଣା ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଟକ ଗାନ୍ଧୀଙ୍କ ଓଡ଼ିଶା ମଞ୍ଚସ୍ଥ

ସମ୍ବଲପୁର, ୨୪।୩ (ବ୍ୟୁରୋ)



ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତିରେ ରାଜ୍ୟସାରା ବିବିଧ କାର୍ଯ୍ୟକ୍ରମ କରାଯାଉଛି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟର ୩୦ ଜିଲାରେ 'ଗାନ୍ଧୀଙ୍କ ଓଡ଼ିଶା' ନାଟକ ମଙ୍ଗଳବାର ରାତିରେ ମଞ୍ଚସ୍ଥ ହୋଇଛି। ଏହି କ୍ରମରେ ସମ୍ବଲପୁର ଶ୍ରୀ କଲଚରାଲ ଆସୋସିଏଶନ ଆୟୋଜନରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ନାଟକ ପରିବେଷଣ ହୋଇଥିଲା। ଶଙ୍କର ତ୍ରିପାଠୀ ଏହାକୁ ରଚନା କରିଥିବା ବେଳେ ସତ୍ୟରଞ୍ଜନ ବେହେରା ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ଦିଲୀପ ଦେବ, ପ୍ରସନ୍ନ ପଣ୍ଡା, ଫଣିନ୍ଦ୍ର ପଣ୍ଡା, ହିମାଂଶୁ ମହାନ୍ତି, ସତ୍ୟନାରାୟଣ ସାହୁ, ଅଶୋକ ପଟ୍ଟନାୟକ, ସୌମ୍ୟଜିତ ବଡପଣ୍ଡା, ଲଳିତ ମୋହନ ବୈବର୍ତ୍ତା, ଶୁଭଶ୍ରୀ ଠାକୁର, ଅଞ୍ଜନା ମିଶ୍ର, ଜ୍ୟୋତ୍ସ୍ନା ମହାନ୍ତି, ମୀନା ବୋଷ, ମୋହିତ ମେହେର, ନିପନ ମିଶ୍ର ପ୍ରମୁଖ ଅଭିନୟ କରିଥିଲେ। ଡ. ଦିଲୀପ କୁମାର ପଣ୍ଡା, ଡ. ପଞ୍ଚାନନ ମିଶ୍ର ଓ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ଜୟନ୍ତୀ

ସମ୍ବଲପୁର, ୨୪।୩ (ବ୍ୟୁରୋ)



ଜୟନ୍ତୀ ସଭାରେ ଅତିଥି ଓ ଶିକ୍ଷୟିତ୍ରୀ, ଶିକ୍ଷକ ।

ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୧୯ତମ ଜୟନ୍ତୀ ବୁଧବାର ସମ୍ବଲପୁର ନୃସିଂହ ଗୁରୁ ଟାଉନ ହାଇସ୍କୁଲ ସଭାକକ୍ଷରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାକ୍ଷୀ ମହାପାତ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ଯୋଗଦେଇ ନୃସିଂହ ଗୁରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସରଳ ଜୀବନଯାପନ ଶୈଳୀ ଯୋଗୁ ତାଙ୍କୁ ପଶ୍ଚିମ ଓଡ଼ିଶାର ଗାନ୍ଧୀ କୁହାଯାଉଥିଲା। ଶିକ୍ଷୟିତ୍ରୀ ଭୂଜାତା ନନ୍ଦ, ସଂଯୁକ୍ତା କିଷାନ, ରେଣୁକା ପୂଜାରୀ, କୁନାଲ କାଲୋ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସମ୍ବଲପୁର ମହାନଗର ନିଗମ ମନ୍ଦଲିଆ ମୁହାଣସ୍ଥିତ ପ୍ରତିମୂର୍ତ୍ତିରେ ନୃସିଂହ ଗୁରୁ ସ୍ମୃତି ସମିତି କର୍ମକର୍ତ୍ତା, ସଭ୍ୟଙ୍କ ସମେତ ସହରର ବୁଦ୍ଧିଜୀବୀ, ଶିକ୍ଷାବିତ୍ ସାମିଲ ହୋଇ ମାଲ୍ୟାର୍ପଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ପ୍ରମୁଖ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ।

## ବଡରମା ବନଦୁର୍ଗା ମନ୍ଦିର କୁମ୍ଭାଭରଣ ଉତ୍ସବ

ପଡିଆବାହାଲ, ୨୪।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ପତ୍ରାପାଲି ଗ୍ରାମ ବଡରମା ମନ୍ଦିରର କୁମ୍ଭ ଭରଣ ଓ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟି ପିକେ କାନ୍‌ପାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଯୁଗଳ କିଶୋର ରଥଶର୍ମା ଓ ସହଯୋଗୀ ପୌରହିତ୍ୟ କରିଥିଲେ। ବଡରମା, କୁଲୁଣ୍ଡି, ଖରସନମାଲ, ମୁଣ୍ଡେନପାଲି ଗ୍ରାମ ପଞ୍ଚାୟତରୁ ପୂର୍ବରୁ ସଂଗୃହୀତ ପଞ୍ଚଶସ୍ୟ, ଅଷ୍ଟଧାତୁ ସହିତ ଉପସ୍ଥିତ ଜନସାଧାରଣ ଆଣିଥିବା ଶସ୍ୟ, ଧାତୁ, ରତ୍ନଗୁଡିକ ମନ୍ଦିର କୁମ୍ଭରେ ପୂରଣ କରାଯାଇଥିଲା। ମନ୍ଦିର ଟ୍ରଷ୍ଟି ଦୁର୍ଗା ପ୍ରସାଦ ନାଥ, ଧୀରେନ୍ଦ୍ର ଶର୍ମା, ସୁବାସ ନାଥ ଶର୍ମା, ଖଗେଶ୍ୱର ମେହେର, ଓମ ପ୍ରକାଶ ଶର୍ମା, ମା ବନଦୁର୍ଗା ସେବା ସମିତିର ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆସନ୍ତା ଏପ୍ରିଲ ୧୬ରେ କଳସ ଯାତ୍ରା ଓ ପର୍ଯ୍ୟାୟକ୍ରମେ ହୋମ ଯଜ୍ଞ ହୋଇ ୨୦ରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପିତ ହେବ।

**ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି, ଜିଲ୍ଲା- ବଲାଙ୍ଗୀର**
**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**
ସଂଖ୍ୟା- 846 ତା23.03.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ତହସିଲ ଅଧୀନରେ ଥିବା ଗୋଟିଏ ସୈରାତ (ମହଖଣ୍ଡ ପଥର ଖାଦାନ-୧) ଉପର ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

ସୈରାତ ଉପର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ http://balangir.nic.inରେ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ସ୍ୱା./- ତହସିଲଦାର, କଣ୍ଟାବାଞ୍ଜି

## ଜମି ନ ମିଳିଲେ ଥାନା ଆଗରେ ଧାରଣା

ନାକଟିଦେଉଳ,୨୪।୩ (ଡି.ଏନ.ଏ.)

**ମହିଳାଙ୍କ ଚେତାବନୀ**

ନାକଟିଦେଉଳ ବ୍ଲକ କିସିଣ୍ଡା ଗ୍ରାମର ଅନୁସୂଚିତ ଜାତି ବର୍ଗର ବିଧବା ମହିଳା ବିଶାଖା ପାଇକଙ୍କ ଜମିକୁ କିସିଣ୍ଡା ଥାନା ଦଖଲ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହା ବଦଳରେ ତାଙ୍କୁ ଅନ୍ୟତ୍ର ଜମି ଯୋଗାଇଦେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ହୋଇପାରି ନାହିଁ। ଏହାର ପ୍ରତିବାଦରେ ସେ ଥାନା ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

ବିଶାଖା ଜିଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କର ପିତା କିସିଣ୍ଡା ଗ୍ରାମର ସ୍ୱର୍ଗତ ଅନାମ ରଣବିଡ଼ାଙ୍କ ଖାତା ନଂ.୯ର ସମୁଦାୟ ୭ ଏକର ୬୦ଡେସିମିଲ ଜମିରୁ ପ୍ଲଟ ନଂ.୩୦୧୦ରୁ ୭ ଡେସିମିଲ ଜମିକୁ କିସିଣ୍ଡା ଥାନା ଜୋରଜବରଦସ୍ତ ଅକ୍ତିଆର ରଖି ଲୁହା ତାରବାଡ଼ ଲଗାଇଛି। ଏ ବିଷୟରେ ଅଭିଯୋଗ ପରେ ୨୦୧୫ରେ ନାକଟିଦେଉଳ ତହସିଲଦାର, କିସିଣ୍ଡା ଆର୍‌ଆଇ ଓ କିସିଣ୍ଡା ଥାନା ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ଜାଗା ବଦଳରେ ଜାଗା ଯୋଗାଇ ତାଙ୍କ ନାମରେ ପଟ୍ଟା କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ନାମରେ ଉକ୍ତ ଜାଗାର ପଟ୍ଟା ହୋଇପାରିଲା ନାହିଁ। ଏ ସମ୍ପର୍କରେ ସେ ତତ୍‌କାଳୀନ ଜିଲାପାଳ, ଏସ୍‌ପି, ଏସ୍‌ଡ଼ିପିଓ, ରେଢାଖୋଲ ଉପଜିଲାପାଳଙ୍କୁ ରେଜେଷ୍ଟ୍ରି ଡ଼ାକ ଯୋଗେ ପତ୍ରଲେଖି ଜଣାଇଥିଲେ ସୁଦ୍ଧା ଏହାର ସମାଧାନ ହୋଇପାରି ନାହିଁ। ତାଙ୍କ ବ୍ୟକ୍ତିଗତ ଜାଗା ଫେରାଇ ଦିଆଯାଉ କିମ୍ବା ପ୍ରଶାସନର ପ୍ରତିଶ୍ରୁତି ମୁତାବକ ୫୩ ଡେସିମିଲ ଜାଗାର ପଟ୍ଟା ତାଙ୍କ ନାମରେ କରାଯାଉ ବୋଲି ବିଶାଖା ସମ୍ବଲପୁର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏପ୍ରିଲ ୫ତାରିଖ ସୁଦ୍ଧା ଯଦି ଏହାର ସମାଧାନ ନ ହୁଏ ତା'ହେଲେ ସେ କିସିଣ୍ଡା ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଶାଖା ରେଢାଖୋଲ ଉପଜିଲାପାଳ, ଏସ୍‌ଡ଼ିପିଓ, ନାକଟିଦେଉଳ ତହସିଲଦାର, କିସିଣ୍ଡା ଥାନା ଅଧିକାରୀ, ରାଜସ୍ୱ ନିରୀକ୍ଷକଙ୍କୁ ମଧ ଜଣାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସୁକାନ୍ତ କୁମାର ନାୟକ କହିଥିଲେ, ଦେଢବର୍ଷ ହେଲା ଯୋଗଦେଇଥିବାରୁ ଏହି ମାମଲା କ'ଣ ହୋଇଛି ଜାଣିନାହିଁ। ଯଦି ଏଭଳି ହୋଇଛି ଏହା ଉପରେ ତଦନ୍ତ କରି ପଦକ୍ଷେପ ନିଆଯିବ। କିସିଣ୍ଡା ଥାନା ଅଧିକାରୀ ଚିତ୍ତରଞ୍ଜନ ନାୟକ କହିଥିଲେ, ବିଶାଖା ଯେଉଁ ଅଭିଯୋଗ କରିଛନ୍ତି ତାହା ମିଥ୍ୟା। ସେ ଦର୍ଶାଉଥିବା ଜାଗା ଥାନା ଜବରଦଖଲରେ ଅଛି। ଆଉଥରେ ଚିହ୍ନଟିକରଣ କରାଗଲେ ସ୍ପଷ୍ଟ ହେବ। ସରକାରୀ ବ୍ୟବସ୍ଥା ଅନୁସାରେ ଯାହାକିଛି କରାଯିବ।

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**DISTRICT-JHARSUGUDA**
**E-mail: cso.jsg2019@gmail.com, PHONE NO.-9438200044**
**DISTRICT WEBSITE- jharsuguda.nic.in**

TENDER NO. 1093 DT.24.03.21

District Manager, Odisha State Civil Supplies Corporation Ltd., Jharsuguda (District) invites tenders in double cover system through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection & Appointment of Level-I Transport Contractor for Transportation of Food grains from FSD, FCI to RRCs of Jharsuguda District |
| 2 | Availability of bid documents in the portal | From Dt.25.03.2021 |
| 3 | Last date/time for receipt of bids in the portal | Dt.22.04.2021 upto 01.30 P.M. |
| 4 | Date / time of opening of technical bid | Dt.28.04.2021 at 01.30 P.M. |
| 5 | Name & address of the Officer inviting tender | District Manager, OSCSC Ltd., Jharsuguda District |

Tender documents & other details can be seen from the e-procurement portal www.tendersodisha.gov.in along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager, OSCSC Ltd., Jharsuguda**

## ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

କୁଆଁରମୁଣ୍ଡା,(ଡି.ଏନ୍.ଏ): ଯକ୍ଷ୍ମା ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥାକୁ ସୁଚାରୁରୂପେ ପାଳନ କରିବା ପାଇଁ ବୁଧବାର ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କୁଆଁରମୁଣ୍ଡାସ୍ଥିତ ଏହାର କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାରୀ ନେତ୍ରୀ ରୀନା ମେହେର, କୁଆଁରମୁଣ୍ଡା ସିଏଚସି ଫାର୍ମାସିଷ୍ଟ ଅରୁଣା ମାହାନ୍ତ, ଲଲିପା ଏକ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳକୁ କିଭଳି ଯକ୍ଷ୍ମାମୁକ୍ତ କରାଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ଅମୂଲ୍ୟ କୁମାର ଜେନା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ।



### ସଂକ୍ଷେପରେ

## ବାର୍ହା ଆକ୍ରମଣରେ ମହିଳା ଗୁରୁତର

**କୁତ୍ରା, ୨୪।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ଗ୍ରାମପଞ୍ଚାୟତ ଲାଖୋପଡାର ଗୁଲାପି ଟପ୍ପୋ(୪୪) ନାମକ ଜଣେ ମହିଳା ବୁଧବାର ଏକ ବାର୍ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଗୁଲାପି ତାଙ୍କ ପୁଅ ସହିତ ମହୁଲ ଗୋଟାଇବା ପାଇଁ ସକାଳୁ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ବାର୍ହା ପହଞ୍ଚି ଗୁଲାପିଙ୍କ ପୁଅକୁ ଆକ୍ରମଣ କରିଥିଲା। ପୁଅକୁ ରକ୍ଷା କରିବା ସମୟରେ ବାର୍ହା ଗୁଲାପିଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରି ଚାଲିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଗୁଲାପିଙ୍କୁ ଉଦ୍ଧାର କରାଯାଇ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଗୁଲାପିଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗତ କିଛିମାସ ହେଲା କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବାର୍ହା ଉପଦ୍ରବ ଦେଖାଦେଇଛି।

## ଶିବା ସିମେଣ୍ଟ ଜନଶୁଣାଣି ଘୁଞ୍ଚିଲା: ଏପ୍ରିଲ ୨୯ରେ ହେବ ଜନଶୁଣାଣି

**କୁତ୍ରା, ୨୪।୩(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ପଞ୍ଚାୟତରେ ଥିବା ଶିବା ସିମେଣ୍ଟ କାରଖାନାର ସମ୍ପ୍ରସାରଣ ପରିବେଶୀୟ ମଞ୍ଜୁରୀ ପାଇଁ ମାର୍ଚ୍ଚ ୨୬ ତାରିଖ ଏକ ଜନଶୁଣାଣି ହେବାର ସ୍ଥିର ହୋଇଥିଲା। କିନ୍ତୁ ତାହା ପରିବର୍ତ୍ତନ ହୋଇ ଏପ୍ରିଲ ୨୯ ତାରିଖ ହେବା ପାଇଁ ସ୍ଥିର କରାଯାଇଥିବା ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ଜାଣିବାକୁ ମିଳିଛି। ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ଜାଣିବାକୁ ମିଳିଛି ଯେ, ଦୀର୍ଘ ଦିନରୁ କୁତ୍ରା ତହସିଲ ଅନ୍ତର୍ଗତ କନ୍ଦେଇମୁଣ୍ଡାଠାରେ ଶିବା ସିମେଣ୍ଟ ନାମକ ଏକ ସିମେଣ୍ଟ କାରଖାନା ରହିଛି। ଏହି କାରଖାନାକୁ ଜିନ୍ଦଲ ଗ୍ରୁପ କିଣି ନେଇଛି। ଏହି ସିମେଣ୍ଟ କାରଖାନାକୁ କିଣିନେବା ପରେ ଏହାର ସମ୍ପ୍ରସାରଣର ପରିବେଶୀୟ ମଞ୍ଜୁରୀ ପାଇଁ ଜିନ୍ଦଲଗ୍ରୁପ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଥିଲା। ବିଭାଗ ତରଫରୁ ମାର୍ଚ୍ଚ ୨୬ ଜନଶୁଣାଣି ପାଇଁ ଧାର୍ଯ୍ୟ କରିଥିଲା । ସେ ଦିନ କଂଗ୍ରେସଦଳ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ପ୍ରଶାସନ ଶୁଣାଣିକୁ ଏପ୍ରିଲ ୨୯କୁ ଘୁଞ୍ଚାଇ ଦେଇଥିବା ଜିଲା ପ୍ରଦୂଷଣ ବୋର୍ଡ ଅଧିକାରୀ ପ୍ରକାଶ ମହାପାତ୍ରଙ୍କଠାରୁ ଜାଣିବାକୁ ମିଳିଛି।

## ମହିଳା ମହାବିଦ୍ୟାଳୟରେ 'ମୋ କଲେଜ' ଅଭିଯାନର ଉଦ୍‌ଘାଟନୀ ଉତ୍ସବ

**ଦେବଗଡ଼,୨୪।୩(ଡ଼ି.ଏନ.ଏ.):** ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ମୋ କଲେଜ' ଅଭିଯାନ ଶୁଭାରମ୍ଭ ହୋଇଥିବା ବେଳେ ଦେବଗଡ ମହିଳା ମହାବିଦ୍ୟାଳୟରେ ଉଦ୍‌ଘାଟନୀ ଉତ୍ସବର ଲାଇଭ ଶୋ' ପ୍ରଦର୍ଶିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧକ୍ଷା ଡ. ତନ୍ମୟୀ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଇଂ.ଚିତ୍ତରଞ୍ଜନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ନିଶାନୀ ବେହେରା ଓ ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟର ସଭାପତି ଉଇଲିୟମ ହେନେଜ ଅତିଥି ଭାବେ ଉପସ୍ଥିତ ଥିଲେ ।






ପେଟ୍ରୋଲ ପମ୍ପ ଡକାୟତି ଘଟଣାର ଗିରଫ ୨ ଅଭିଯୁକ୍ତ। ଜବତ କଟୁରି, ବନ୍ଧୁକ (ବାମ)।

# ୨ ଗିରଫ: ବନ୍ଧୁକ, ଗୁଳି, କଟୁରି, ନଗଦ ଟଙ୍କା ଜବତ

**ରାଉରକେଲା ଅଫିସ,୨୪।୩**

### ଓରାମ ପେଟ୍ରୋଲ ପମ୍ପରୁ ସଶସ୍ତ୍ର ଡକାୟତି ଘଟଣା

ଝିରପାଣି ଥାନା ଅନ୍ତର୍ଗତ ଓରାମ ପେଟ୍ରୋଲ ପମ୍ପରେ ରବିବାର ରାତିରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାର ବୁଧବାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଏହା ସହ ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ଗୋଟିଏ କଟୁରି, ୨ଟି ସ୍କୁଟି ଓ ୪୯ ହଜାର ୩ଶହ ୧୦ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏମଡି.ଅମିନ ରାଜା (୨୦) ଓ ଇଜାଜ ଅନସାରୀ (୨୫)। ଉଭୟ ଏମଡି.ଅମିନ ଓ ଇଜାଜ୍ ବିଶ୍ରା ଥାନା ଅନ୍ତର୍ଗତ ବିଶ୍ରା ନୟା ବସ୍ତିର ବୋଲି ପୋଲିସ କହିଛି। ଏ ନେଇ ଝିରପାଣି ଥାନାରେ ଗତ ସୋମବାର ଏକ ମାମଲା (ନଂ.୨୧/୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାର ୩ ଦିନ ପରେ ମଧ୍ୟ ଆଉ ୩ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ସୂଚନା ମୁତାବକ, ଗତ ରବିବାର ରାତି ପ୍ରାୟ ୯ଟା୪୫ ମଧ୍ୟରେ ୫ ଜଣ ଦୁର୍ବୃତ୍ତ ୨ଟି ସ୍କୁଟିରେ ଓରାମ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚି ଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ପେଟ୍ରୋଲ ପମ୍ପ ବାହାରେ ଜଗି ରହିଥିବାବେଳେ ୨ ଜଣ ବନ୍ଧୁକ ଓ କଟୁରୀ ଧରି କ୍ୟାଶ କାଉଣ୍ଟରକୁ ପଶିଥିଲେ। ଏହି ସମୟରେ ସେମାନେ କ୍ୟାଶ କାଉଣ୍ଟରରେ ବସିଥିବା କ୍ୟାଶିୟରଙ୍କୁ ବନ୍ଧୁକ ମୁନରେ ଭୟଭୀତ କରି କ୍ୟାଶ କାଉଣ୍ଟରରୁ ୫୨ ହଜାର ୫ଶହ ଟଙ୍କା ଲୁଟି ନେଇଥିଲେ। ପେଟ୍ରୋଲ ପମ୍ପରେ ପାଟିତୁଣ୍ଡ ହେଉଥିବା ଶବ୍ଦ ଶୁଣି ପେଟ୍ରୋଲ ପମ୍ପ ନିକଟରେ ଥିବା ଅଞ୍ଚଳବାସୀ ସେଠାରେ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହି ସମୟରେ ବହୁ ଲୋକଙ୍କୁ ଦେଖି ଲୋକଙ୍କୁ ଭୟଭୀତ କରିବା ପାଇଁ ୧ ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ଏହି ସମସ୍ତ ଘଟଣା ଝିରପାଣି ଓ ଜଗଦା ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଓ ଅନ୍ୟାନ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲା। ଏହା ପରେ ୨ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ଫେରାର୍ ଅଛନ୍ତି ।

# ମହାବୀର କ୍ରିକେଟ୍ କ୍ଲବକୁ ପରାସ୍ତ କଲା ବାମଣ୍ଡା କ୍ରିକେଟ କ୍ଲବ

**ଦେବଗଡ଼, ୨୪।୩(ଡି.ଏନ୍.ଏ.)**



ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବାମଣ୍ଡା କ୍ରିକେଟ କ୍ଲବର ପ୍ରବୀଣ ତିର୍କୀ।

### ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ୍‌ର ପଞ୍ଚମ ଦିବସ

ଦେବଗଡ଼ ଜିଲା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ ମ୍ୟାଚ୍ ବୁଧବାର ପଞ୍ଚମ ଦିବସରେ ପହଞ୍ଚିଛି। ବୁଧବାର ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବ ଓ ମହାବୀର କ୍ରିକେଟ କ୍ଲବ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହାବୀର କ୍ରିକେଟ କ୍ଲବକୁ ପରାସ୍ତ କରି ବାମଣ୍ଡା କ୍ରିକେଟ କ୍ଲବ ବିଜୟୀ ହୋଇଛି। ମହାବୀର କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ୪୧. ୪ ଓଭରରେ ସମସ୍ତ ଉଇକେଟ ହରାଇ ୨୮୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗଣେଶ ନଟିଆ ୬୫ ରନ (୬୯ବଲ), ଦୁଷ୍ମନ୍ତ ସାହୁ ୫୦ (୨୯ବଲ) ସଂଗ୍ରହ କରିଥିଲେ । ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ଦଳ ପକ୍ଷରୁ ପ୍ରବୀଣ ତିର୍କୀ ଓ ଆଶୁତୋଷ ସାହୁ ୩ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ବାମଣ୍ଡା କ୍ରିକେଟ କ୍ଲବ ବ୍ୟାଟିଂ କରି ୪୯.୪ ଓଭରରେ ମାତ୍ର ୪ ଉଇକେଟ ହରାଇ ୨୮୫ ରନ କରିବା ସହ ୬ ଉଇକେଟରେ ବିଜୟୀ ହୋଇଥିଲା। ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ପ୍ରବୀଣ ତିର୍କୀ ୧୦୦ରନ (୧୩୭ ବଲ), ପ୍ରତୀଶ ପାରସ ଛତ୍ରିଆ ୫୨ ରନ(୬୧ବଲ) ଓ ଚର୍ଚ୍ଚିଲ ସେଠୀ ୫୧ ରନ (୩୭ବଲ) ସଂଗ୍ରହ କରିଥିଲେ। ଅଲରାଉଣ୍ଡ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ବାମଣ୍ଡା କ୍ରିକେଟ କ୍ଲବର ପ୍ରବୀଣ ତିର୍କୀ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମ୍ୟାଚକୁ ଅମ୍ପାୟାର ଭାବେ ଦିଲୁ ଦଶଭାୟା ଓ ମିଥିଲେଶ ପ୍ରସାଦ ପରିଚାଳନା କରିଥିଲେ। ଓଡିଶା କ୍ରିକେଟ ଆସୋସିଏସନର ପ୍ରତିନିଧି ଭାବେ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ।

# କର୍ତ୍ତବ୍ୟ ଅଭିଯାନ କାର୍ଯ୍ୟକ୍ରମ




ଜଳଛତ୍ରର ଶୁଭାରମ୍ଭ ମୁହୂର୍ତ୍ତ।

**ସୁନ୍ଦରଗଡ, ୨୪।୩ (ଡି.ଏନ୍.ଏ)**

### ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜଳଛତ୍ରର ଶୁଭାରମ୍ଭ

ରାଜ୍ୟର ଶିକ୍ଷକ, ଶିକ୍ଷା ଓ ଶିକ୍ଷା ଗବେଷଣା ପରିଷଦ ଓଡିଶାର ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସୁନ୍ଦରଗଡ଼ଠାରେ କର୍ତ୍ତବ୍ୟ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଅନୁଷ୍ଠାନ ପ୍ରାଙ୍ଗଣରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଖବରଦାତା ଜୟନାରାୟଣ ମେଣ୍ଡୁଲି ଅତିଥି ଭାବେ ଯୋଗଦେଇ ଜଳଛତ୍ରର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରି ସମାଜର ସେବାମୂଳକ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଅବସରପ୍ରାପ୍ତ ଅଧକ୍ଷା ଡ. ସରୋଜିନୀ ପତି ଜଳଦାନ ମହାପୁଣ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଶିବଶଙ୍କର ଷଡଙ୍ଗୀ କର୍ତ୍ତବ୍ୟ ଅଭିଯାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅନୁଷ୍ଠାନ ନିକଟରେ ବସୁଥିବା ସାପ୍ତାହିକ ବଜାରକୁ ଆସୁଥିବା ଲୋକଙ୍କ ପାନୀୟ ଜଳର ଆବଶ୍ୟକତାକୁ ଉପଲବ୍ଧି କରି ଅନୁଷ୍ଠାନର ଛାତ୍ରୀଛାତ୍ର ସପ୍ତାହର ରବିବାର ଓ ବୁଧବାର ଏହି ଜଳଛତ୍ର ମାଧ୍ୟମରେ ଦହି ସର୍ବତ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆବଶ୍ୟକ ହେଲେ ପ୍ରତିଦିନ ବିଶୁଦ୍ଧ ପାନୀୟ ଜଳ ବଣ୍ଟନର ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଲିପିକା ବେହେରା, ମମତା ପ୍ରଧାନ, ସସ୍ମିତା ନାଏକ, ଅନିମା ତିର୍କୀ, ଦମୟନ୍ତୀ ପ୍ରଧାନ, ଗରୁଡେଶ୍ୱର ଦାସ, ସୁଜାତା କାଲୋ, ମମତା ମାଝି, ଜଗମୋହନ ମହାକୁଲ, ଆଲୋକରଞ୍ଜନ ପାଣି, ବୁଧରାମ ନାଏକ, ଅରୁଣ କୁମାର ମଲ୍ଲିକ, ଉପେନ୍ଦ୍ର ସିଂ, ହିମାଂଶୁ ଶେଖର ଧୂଳିଆ ପ୍ରମୁଖ ଶିକ୍ଷକ ପ୍ରଶିକ୍ଷକ ଓ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଏହି ଜଳଛତ୍ର ଶିବିର ପରିଚାଳନା କରିଥିଲେ।

## କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ

**ସୁନ୍ଦରଗଡ଼/ରାଉରକେଲା ଅଫିସ୍, ୨୪।୩**

ସୁନ୍ଦରଗଡ଼ ଜିଲାରେ କୋଭିଡ୍-୧୯ ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲା ମହାନଗର ନିଗମ ସହିତ ଏହାର ନିକଟବର୍ତ୍ତୀ ବ୍ଲକ୍ ବିଶ୍ରା, କୁଆଁରମୁଣ୍ଡା ଏବଂ ଲାଠିକଟାରେ କଣ୍ଟ୍ରାକ୍ଟ ଟ୍ରେସିଙ୍ଗ୍ ଓ ସ୍କ୍ରିନିଙ୍ଗ୍ ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଏକ ଚିଠି ଜାରି କରି ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲା ମହାନଗର ନିଗମ ଅଞ୍ଚଳର ପରିବେଶକୁ ସଫାସୁତୁରା ରଖିବା, ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ, ଛକ ଜାଗାରେ ପରିମଳ ଓ ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ରାଉରକେଲା ଷ୍ଟେସନକୁ ପ୍ରତିଦିନ ବହୁ ସଂଖ୍ୟାରେ ଯାତ୍ରୀ ବିଭିନ୍ନ ସ୍ଥାନରୁ ଯିବା ଆସିବା କରୁଥିବାରୁ ଏଥିପ୍ରତି ବିଶେଷ ନଜର ରଖାଯିବ। ଷ୍ଟେସନରେ କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ ଚିଠିରେ ଦର୍ଶାଇଛନ୍ତି। କରୋନା ସଂକ୍ରମଣ ନିୟନ୍ତ୍ରଣ କରିବା ଲାଗି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ରାଉରକେଲା ମହାନଗର ନିଗମର କମିଶନର, ରାଉରକେଲାର ଅତିରିକ୍ତ ଜିଲାପାଳ, ରାଉରକେଲା ଏସପି, ଆରଜିଏଚର ନିର୍ଦ୍ଦେଶକ, ସୁନ୍ଦରଗଡ଼ ସିଡିଏମଓଙ୍କୁ ଚିଠି ମାଧମରେ ଏହି ପରାମର୍ଶ ଦିଆଯାଇଛି।

# ରିଆମାଳରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ରିଆମାଳରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅଧିକାରୀ।

**ରିଆମାଳ, ୨୪।୩ (ଡି.ଏନ୍.ଏ.)**

ରିଆମାଳ କଲ୍ୟାଣମଣ୍ଡପରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ରିତାଞ୍ଜଳୀ ହାତୀ ଉଦ୍‌ଘାଟନ କରିଥିଲେ। ଶିବିରରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମଙ୍କର ପରୀକ୍ଷା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନନ୍ଦ, ଏବିଡିଓ ଜିତୁରଞ୍ଜନ ଜେନା, ବ୍ଲକ ଉପାଧ୍ୟକ୍ଷ ବୈକୁଣ୍ଠନାଥ ପାଇକରାୟ, ଜିଲା କାର୍ଯ୍ୟକ୍ରମ ସହାୟକ ପବିତ୍ର ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ କୁମାର ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ।

## ଛାତ୍ର ବିଜେଡି ସମ୍ପାଦକଙ୍କ ନାଁରେ ମାମଲା

**ବଡ଼ଗାଁ, ୨୪।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋଙ୍କୁ ତଲସରା ନିର୍ବାଚନ ମଣ୍ଡଳୀର ଛାତ୍ର ବିଜେଡି ସମ୍ପାଦକ ସାହାଜବାହାଲ ଗ୍ରାମର ସରୋଜ ସାହୁ ଗାଳି, ଜାତି ଆକ୍ଷେପ ଓ ଧମକ ଦେବା ଅଭିଯୋଗକ୍ରମେ ଥାନା କେଶ ନଂ. ୪୮, ଦଫା ୨୯୪/୫୦୬/୩ ଏସଟି/ଏସସି ପିଏ ଆକ୍ଟରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସରପଞ୍ଚ ଟପ୍ପୋ ବୈଠକରେ ଯୋଗଦେବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେ କେତେକ ମହିଳା ସରପଞ୍ଚଙ୍କ ସହିତ କଥାବାର୍ତ୍ତା ହେଉଥିଲାବେଳେ ସରୋଜ ସେଠାରେ ପହଞ୍ଚି ରାଣୀବୁଡା ଗାଁର କଂକ୍ରିଟ ରାସ୍ତା କାମ ଆମ ପିଲା କରିବେ କହି ଗାଳିଗୁଲଜ କରିଥିଲେ।

# ଦେବଗଡ଼ରେ 'ଗାନ୍ଧିଙ୍କ ଓଡ଼ିଶା' ନାଟକ ମଞ୍ଚସ୍ଥ

**ଦେବଗଡ଼,୨୪।୩(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧିଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଅବସରରେ ଦେବଗଡ଼ ଟାଉନହଲଠାରେ ମଙ୍ଗଳବାର 'ଗାନ୍ଧିଙ୍କ ଓଡ଼ିଶା' ନାଟକ ମଞ୍ଚସ୍ଥ ହୋଇଛି। ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ମିଳିତ ଆନୁକୂଲ୍ୟରେ ଏହି ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ନବନାଟ୍ୟ ନିକେତନ ଓ ବାମଣ୍ଡା କଳାକାର ସଂଘ ପକ୍ଷରୁ ହେମନ୍ତ କୁମାର ମହାପାତ୍ର ଓ ବିପିନ ବିହାରୀ ନନ୍ଦଙ୍କ ଦିଗଦର୍ଶନ ତଥା ରୋମିଓ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ ପରିବେଷିତ ହୋଇଥିଲା। ଏହି ନାଟକକୁ ନାଟ୍ୟକାର ଶଙ୍କର ତ୍ରିପାଠୀ ରଚନା କରିଥିଲେ। ବିଭିନ୍ନ ଭୂମିକାରେ ମନୋଜ କୁମାର ପାଢୀ, ପ୍ରଦୀପ କୁମାର ଅମାନ୍ତ, ଦିଲୀପ କୁମାର ଗୁରୁ, ମଙ୍ଗଲ ମହାକୁର, ଧୃବଚରଣ ବେହେରା, ସନ୍ତୋଷ କୁମାର ସାହୁ, ଅତୁଲ୍ୟ ପୂଜାରୀ, ପ୍ରଶାନ୍ତ କୁମାର ଦ୍ୱିବେଦୀ, ରଞ୍ଜିତ ଶତପଥି, ଉପେନ୍ଦ୍ର ଭଞ୍ଜ, ସିଦ୍ଧାର୍ଥ ଗୁରୁ, ରୋମିଓ ମହାପାତ୍ର, ସୁଶାନ୍ତ କୁମାର ନନ୍ଦ, ମୃତ୍ୟୁଞ୍ଜୟ ପାତ୍ର, କୁମୁଦ ଚନ୍ଦ୍ର ଶତପଥି, ତେଜସ୍ୱିନୀ ନାୟକ, ଯଦୁମଣି ବେହେରା, ଫକୀର ମୋହନ ମହାପାତ୍ର, ସୁବାସ ଦାଶ, ଶିଶିର କୁମାର ଦାଶ, ଚିନ୍ମୟ ଦାଶ, ବିଶ୍ୱାସ ପାଢୀ, ମୁକେଶ ସାହୁ, ମଦନ ଦାଶ, ପ୍ରତାପ କିଶୋର ନାୟକ ଓ ସୌମ୍ୟ ଭୁକ୍ତା ପ୍ରମୁଖ ନିଖୁଣ ଅଭିନୟ କରି ଦର୍ଶକଙ୍କର ମନ ମୋହିବାରେ ସଫଳ ହୋଇଥିଲେ। ଗିରିଜା ଶଙ୍କର ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ମୃଣାଳ ଶର୍ମା ସହଯୋଗ କରିଥିଲେ। ପ୍ରଦୀପ କୁମାର ପାତ୍ର କଳା ନିର୍ଦ୍ଦେଶନା ଓ ଶୈବାଳିନୀ ତ୍ରିପାଠୀ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ବୁଡା ଆଲୋକ, ନେତ୍ରାନନ୍ଦ ସାହୁ ରୂପସଜ୍ଜା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ନାଟକର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଯୋଗେଶ ଚନ୍ଦ୍ର ଦଳବେହେରା, ଡାକ୍ତର ବିଳାସିନୀ ଦ୍ୱିବେଦୀ, ସାହିତ୍ୟିକ ଦୁର୍ଗା ପ୍ରସାଦ ଦ୍ୱିବେଦୀ ଓ ନାଟ୍ୟାନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ'ର ସାଧାରଣ ସମ୍ପାଦକ ସୁଜିତ କୁମାର ପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନାଟକର ଶୁଭାରମ୍ଭ କରିଥିଲେ।




ମଞ୍ଚସ୍ଥ ନାଟକ 'ଗାନ୍ଧିଙ୍କ ଓଡ଼ିଶା'ର ଏକ ଦୃଶ୍ୟ।

# ଜିଲାପାଳଙ୍କୁ ଭେଟିଲେ ଅବସରପ୍ରାପ୍ତ ପୌର କର୍ମଚାରୀ

**ଦେବଗଡ଼,୨୪।୩(ଡି.ଏନ୍.ଏ.)**




ଅବସରପ୍ରାପ୍ତ କର୍ମଚାରୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଆସିଛନ୍ତି।

### ସପ୍ତମ ବେତନ କମିଶନ ଅନୁଯାୟୀ ପେନ୍‌ସନ୍ ଦାବି

ସପ୍ତମ ବେତନ କମିଶନ ଅନୁଯାୟୀ ପେନଶନ ପ୍ରଦାନ ଦାବିରେ ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀ ଅଶୋକ କୁମାର ମିଶ୍ର, ସୁଦର୍ଶନ ଦେବ, ମୋହିନୀ ମୋହନ ଦାସ, କ୍ଷମାନିଧି ମିଶ୍ର, ତନୁଚନ୍ଦ୍ର ଖୁଣ୍ଟିଆ, ବିପିନ ବିହାରୀ ଆଚାର୍ଯ୍ୟ, ହଂଚ ମିହିର ଦେବ ଓ ଚକ୍ର ନାୟକଙ୍କ ନେତୃତ୍ୱରେ ବହୁ ପୁରୁଷ ଓ ମହିଳା ଅବସରପ୍ରାପ୍ତ କର୍ମଚାରୀ ଓ ପରିବାରର ପେନସନ ଭୋଗୀ ବୁଧବାର ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ସମ୍ବନ୍ଧୀୟ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରପ୍ରାପ୍ତ କର୍ମଚାରୀମାନେ ଜୀବନର ଅନ୍ତିମ ସୋପାନରେ ପହଞ୍ଚିଥିବାବେଳେ ସେମାନେ ପାଉଥିବା ପେନସନ ଗୁଜୁରାଣ ମେଣ୍ଟାଇପାରୁନାହିଁ। ଏପରିକି ଏହା ଔଷଧ ଖର୍ଚ୍ଚ ପାଇଁ ମଧ ନିଅଣ୍ଟ ହେଉଛି। ଏଣୁ ଆଗାମୀ ୩୧ ତାରିଖ ସୁଦ୍ଧା ସେମାନଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ପେନସନ ପ୍ରଦାନ ପାଇଁ ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଦାବି ଜଣାଇଛନ୍ତି। ଅନ୍ୟଥା ୧ ତାରିଖରୁ ସେମାନେ ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ୧୮ ତାରିଖରେ ସେମାନେ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତକରି ସପ୍ତମ ବେତନ କମିଶନ ଅନୁଯାୟୀ ସେମାନଙ୍କୁ ପେନଶନ ପ୍ରଦାନ ପାଇଁ ଦାବି କରିଥିଲେ। ଏହି ଅବସରରେ ପୌର ନିର୍ବାହୀ ଅଧିକାରୀ ଆତସୀ ପରିଡା ବକେୟା ପ୍ରାପ୍ୟ (ଏରିଅର) ଦାବି ନ କରିବା ପାଇଁ ଘୋଷଣାନାମା ପ୍ରଦାନ ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରାମର୍ଶ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀମାନେ ପୌର ପରିଷଦ କାର୍ଯ୍ୟାଳୟରେ ଘୋଷଣାନାମା ମଧ ଦାଖଲ କରିଥିଲେ। ଏହା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ପେନଶନ ପ୍ରଦାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

## ଯୋଗାଣ ବିଭାଗ ଚଢାଉ, ୩୮ ଏଲ୍‌ପିଜି ସିଲିଣ୍ଡର ଜବତ

ସୋନପୁର,(ନି.ପ୍ର.): ସୋନପୁର ସହରର ନୂଆପଡାସ୍ଥିତ ଭବାନୀଶଙ୍କର ମେହେରଙ୍କ ବାସଭବନରେ ଯୋଗାଣ ବିଭାଗ ପକ୍ଷରୁ ବୁଧବାର ଚଢାଉ ହୋଇଛି । ମେହେର ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ୧୪.୨ କେଜି ଏଲପିଜି ସିଲିଣ୍ଡରକୁ ବେଆଇନ ଭାବେ ମହଜୁଦ ରଖିଥିଲେ। ଭାରତ, ଇଣ୍ଡେନ ଓ ଏଚପି କମ୍ପାନୀର ୨୯ଟି ଗ୍ୟାସ ଭର୍ତ୍ତି ସବ୍‌ସିଡି ସିଲିଣ୍ଡର ଓ ୯ଟି ଖାଲି ସିଲିଣ୍ଡର ଜବତ ହୋଇଛି। ଜବତ ସିଲିଣ୍ଡରଗୁଡ଼ିକୁ ପୁଷ୍ପଲତା ଗ୍ୟାସ ଏଜେନ୍ସି ଜିମା ଦିଆଯାଇଛି। ସିଲିଣ୍ଡର ମହଜୁଦ ରଖି ଭବାନୀଶଙ୍କର ଚଢାଦରରେ ବିକ୍ରି କରୁଥିବା ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ସଦର ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ହେଡକ୍ୱାର୍ଟର୍ସ ସହକାରୀ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି ଏହି ଚଢାଉ କରିଥିଲେ।

## ସଂକ୍ଷେପରେ

### ସୁନାଗହଣା ଦୋକାନରୁ ଚୋରି

**ବରଗଡ଼ ଅଫିସ୍/ଭଟଲି,୨୪।୩:** ବରଗଡ଼ ଜିଲା ଭଟଲିସ୍ଥିତ ଏକ ସୁନା ଗହଣା ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଦୋକାନ ଶର୍ଟର୍ ଭାଙ୍ଗି ଅଭିଯୁକ୍ତମାନେ ସେଠାରେ ରହିଥିବା ଟିଭି, ଇନଭର୍ଟର୍, ସିସିଟିଭିର ହାର୍ଡ଼ଡିସ୍କ, କୁଲର୍, ୪୫୦ ଗ୍ରାମର ରୂପା ଆଦି ଚୋରି କରି ନେଇଛନ୍ତି । ମାତ୍ର ଦୋକାନରେ ରହିଥିବା ସୁନା ଅଳଙ୍କାର ନେବାରେ ସକ୍ଷମ ହୋଇ ପାରି ନାହାନ୍ତି। ଦୋକାନୀ ଅଜିତେଶ ସାହୁଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଭାରତର ପ୍ରତିନିଧିତ୍ୱ କଲେ କବି ଭବାନୀଶଙ୍କର ନିଆଲ

**କେସିଙ୍ଗା, ୨୪।୩ (ଡି.ଏନ.ଏ.):** କବି ଓ କବିତାକୁ ନେଇ ଗତ ୨୧ ତାରିଖ ଆୟୋଜିତ ବିଶ୍ୱ କବିତା ଦିବସରେ ଅନ୍ତର୍ଜାତୀୟ କବିତା ମହୋତ୍ସବରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି କଳାହାଣ୍ଡିର କବି ଭବାନୀଶଙ୍କର ନିଆଲ। ଏଥିରେ ଚାଇନା, ତାଇୱାନ୍, ଭିଏତନାମ, ଆମେରିକା, ଜାପାନରୁ କବିମାନେ ଯୋଗଦେଇଥିଲେ। କବି ନିଆଲ ଓଡିଆ ଭାଷାରେ ଲେଖୁଥିଲେ ହେଁ ବିଶ୍ୱର ବିଭିନ୍ନ ଭାଷାରେ ତାଙ୍କର କବିତା ସବୁ ଅନୁଦିତ ହୋଇ ସମଗ୍ର ୟୁରୋପରେ ଚର୍ଚ୍ଚାର ପରିସରରେ ରହିଛି। ତାଙ୍କର ଓଡିଆରେ ୩ଟି ଓ ହିନ୍ଦୀରେ ୨ଟି କବିତା ସଂକଳନ ରହିଛି। ଏଥିସହ ଇଂଲିଶ, ଇଟାଲି, ସର୍ଭିକ ଭାଷାରେ ୨ଟି ଲେଖାଏଁ କବିତା ସଂକଳନ ପ୍ରକାଶନ ଅପେକ୍ଷାରେ ରହିଛି। ଏହି କବିତା ପର୍ବ ଗୁଗୁଲ୍ ମିଟ ମାଧ୍ୟମରେ ଅନୁଷ୍ଠିତ ହେବା ସହ ଫେସବୁକରେ ସିଧା ପ୍ରସାରଣ ହୋଇଥିଲା । ବିଶ୍ୱରେ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ କାମ କରୁଥିବା ଅନ୍ତରାଷ୍ଟ୍ରୀୟ ସାହିତ୍ୟ ସଂସ୍ଥା ପୋଷିଆ ୱାର୍ଲ୍ଡ ଇଟାଲି ପକ୍ଷରୁ ଏହା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଇଟାଲୀୟନ ସମ୍ପାଦକ ଜିନଲୋକ ବେରଟେନି ଅଧକ୍ଷତା କରିଥିବା ବେଳେ ସଭା ସଂଚାଳନ କରିଥିଲେ ପ୍ରଖ୍ୟାତ ଇଟାଲୀୟ କବି ଇମାନୁଏଲା ରିରୋ। ଏଥିରେ ବିଶିଷ୍ଟ କବି ଲୁକା ଏରିଏନୋ, ଏଲିସିଓ ଜେନିଚେଲି, ଆଣ୍ଟାନିଓ ନାଟାଲି ରୋଜି ଉପସ୍ଥିତ ଥିଲେ।

### ଆଧାର କାର୍ଡ଼ରେ ତ୍ରୁଟି: ବୃଦ୍ଧାଙ୍କୁ ମିଳିଲାନି କରୋନା ଟିକା

**ବରଗଡ଼ ଅଫିସ୍/ଭଟଲି,୨୪।୩:** ଆଧାର କାର୍ଡ଼ରେ ରହିଥିବା ବୟସରେ ତ୍ରୁଟି ଯୋଗୁ ବୁଧବାର ଭଟଲି ବ୍ଲକ ନଲିଚୂଆଁ ଗ୍ରାମର ଯଶୋଦା ବରିହା ନାମକ ଜଣେ ବୃଦ୍ଧା କରୋନା ଟିକା ପାଇବାରୁ ବଞ୍ଚିତ ହୋଇଛନ୍ତି। ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସୂଚନା ପରେ ଯଶୋଦା ଗ୍ରାମର ଅନ୍ୟ ୧୦ଜଣ ମହିଳାଙ୍କ ସହ ଭଟଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ନେବା ପାଇଁ ଆସିଥିଲେ। ବୟସ ୬୦ରୁ ଅଧିକ ହୋଇଥିଲେ ସୁଦ୍ଧା ତାଙ୍କ ଆଧାର କାର୍ଡ଼ରେ ବୟସ ୬୦ବର୍ଷରୁ କମ୍ ରହିଥିଲା। ତାହା ଦେଖି ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ତାଙ୍କୁ କରୋନା ଟିକା ଦେଇ ନ ଥିଲେ ।

### ଦୁର୍ଘଟଣାରେ ଯୁବକ ମୃତ

**ଭବାନୀପାଟଣା, ୨୪।୩ (ଡି.ଏନ.ଏ.):** ଭବାନୀପାଟଣା ସହରସ୍ଥିତ ହିଲ୍‌ଟାଉନ୍‌ଠାରେ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭବାନୀପାଟଣା ସଦର ଥାନା ଅଧୀନ ଗୁଡିଆଲିପଦର ଗ୍ରାମର ଟୁନୁ ମାଝି(୪୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଟୁନୁ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ (ନଂ.ଓଡି୦୮ଏଚ୍ ୪୦୧୧)ରେ ଘରକୁ ଫେରୁଥିଲେ। ଭବାନୀପାଟଣା ସହର ହିଲ୍‌ଟାଉନ୍ ଲେନ ନମ୍ବର ୩ ରାଜ୍ୟ ରାଜପଥ ୬ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଳ, ୨୪।୩ (ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଠେକୋଡ଼ୁଙ୍ଗରୀ ଗ୍ରାମର ଜଣେ ଯୁବକ ଏକ ଆମ୍ବ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜଗଦୀଶ ଗହୀର (୧୮)। ଖଡିଆଳ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୧) ରୁଜୁ ହୋଇଥିବା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ କହିଛନ୍ତି।

# ସୁନାବେଡ଼ାବାସୀଙ୍କୁ ଘାରିଛି ପାଣି ଚିନ୍ତା

**ନୂଆପଡ଼ା ଅଫିସ, ୨୪।୩**

- ବାଲି ଚୁଆଁ ଉପରେ ଭରସା
- ନିର୍ମାଣ କାର୍ଯ୍ୟ ଅବଧି ଶେଷ
- ସୋଲାର କାମ ହୋଇପାରି ନାହିଁ

ସୁନାବେଡ଼ାବାସୀଙ୍କୁ ଏବେ ଘାରିଛି ପାଣି ଚିନ୍ତା। ଗ୍ରୀଷ୍ମ ଋତୁ ଆରମ୍ଭରୁ ଏଠି ଜଳ କଷ୍ଟ ଦେଖାଦେଲାଣି। ଆଗକୁ ଜଳ କଷ୍ଟ ବଢ଼ିବା ଆଶଙ୍କା କରାଯାଉଛି। କେବଳ ନଦୀ, ନାଳ, ବନ୍ଧ, ମୁଣ୍ଡା, ଚହଲା ଇତ୍ୟାଦି ଉପରେ ଭରସା କରୁଥିଲେ। ଏସବୁ ସୁଖି ଯିବାରୁ ଦୂର ସ୍ଥାନକୁ ଯାଇ ବାଲି ଚୁଆଁରୁ ପାଣି ଆଣି ବ୍ୟାବହାର କରୁଛନ୍ତି।

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଆଦିମ ବନବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କାର ଯୋଜନା ରହିଛି। ଜିଲା ପ୍ରଶାସନର ଅପାରଗତା ଯୋଗୁ ସବୁ ଯୋଜନା ବାଟମାରଣା ହେଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବରୁ ବର୍ଷେରୁ ଅଧିକ ହେଲା ଓଭରହେଡ ଟାଙ୍କି ଅଧାପନ୍ତରିଆ ରହିଛି। ଫଳରେ ସୁନାବେଡାବାସୀ ପାଣି ପାଇଁ ବହୁତ ହଇରାଣ ହେଉଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ପାଣି ସମସ୍ୟା ଦୂର ପାଇଁ ଜଳ ଜୀବନ ମିଶନ ଯୋଜନାରେ ଓଭରହେଡ ପାଣି ଟାଙ୍କି ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ପ୍ରାୟ କୋଟିଏ ଟଙ୍କା ବ୍ୟୟ ଅଟକଳରେ ୧ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଓଭରହେଡ ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଥିଲା। ୨୦୧୯ ସେପ୍ଟେମ୍ବର ୨୫ରେ ଆରମ୍ଭ ହୋଇ ୨୦୨୦ ଜୁନ ୪ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ନିର୍ମାଣ କାର୍ଯ୍ୟ ଶେଷ କରିବା ଅବଧି ୯ ମାସ ବିତି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ସୁନାବେଡା ଯିବା ରାସ୍ତାର ଗାତିବେଡା ନାଳରେ ଇନ୍‌ଟେକ ୱେଲ ପାଇପ ଲାଇନ କାମ ସମ୍ପୂର୍ଣ୍ଣ ହୋଇଛି। ସୁନାବେଡା ଗାଁର ସମସ୍ତ ଘରକୁ ପାନୀୟ ଜଳ ସଂଯୋଗ ପାଇଁ ଷ୍ଟାଣ୍ଡପୋଷ୍ଟ କାମ ସରିଛି। ପମ୍ପ ହାଉସ ଓ ପାଚେରି ନିର୍ମାଣ ହୋଇ ନ ଥିବା ବେଳେ ପାଣି ଉଠାଇବା ପାଇଁ ସୋଲାର କାମ ହୋଇପାରି ନାହିଁ। ଜଳ ଯୋଗାଣ ପ୍ରକଳ୍ପ ଅଧୁରା ହୋଇ ରହିଥିବାରୁ ବନବାସୀମାନେ ବିଶୁଦ୍ଧ ପାନୀୟ ଜଳ ପାଇବା ଆଶା ମଉଳି ଯାଇଛି। ସୁନାବେଡାବାସୀଙ୍କ ଅଭିଯୋଗ ପରେ କୋମନା ବିଡିଓ ସଦାଶିବ ଭତରା ଓ ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲ ଏହାର ତଦନ୍ତ କରି ଶୀଘ୍ର କାମ ଶେଷ କରି ପାଣି ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ସୁନାବେଡାରେ ନିର୍ମାଣ ପାଣି ଟାଙ୍କି ।

# ବାକି ଟଙ୍କା ମାଗିବାରୁ ଗୁଳିମାଡ଼

**ଅମରପାଲି,୨୪।୩ (ଡି.ଏନ.ଏ)**

- ଜେସିବି ଡ୍ରାଇଭର ଗୁରୁତର
- ମାସେ ମଧ୍ୟରେ ଦ୍ୱିତୀୟ ଘଟଣା

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଧୀନ ଆମ୍ବସରଭଟ୍ଟା ଗ୍ରାମରେ ବାକି ଟଙ୍କା ମାଗିବାକୁ କେନ୍ଦ୍ର କରି ବୁଧବାର ଗୁଳିକାଣ୍ଡ ଘଟିଛି। ଗୁଳିମାଡରେ ମୁର୍ଷୁଣ୍ଡୀ ପଞ୍ଚାୟତ ଅଡାଲ ଗ୍ରାମର ଜେସିବି ଡ୍ରାଇଭର ପ୍ରଭଞ୍ଜନ ପ୍ରଧାନ (୩୮)ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ଅଛନ୍ତି। ଗୁଳିକାଣ୍ଡ ପରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୁବଳୟା ପୋଲିସ ତଦନ୍ତ ଆରମ୍ଭ କରିଛି ।


ଗୁରୁତର ପ୍ରଭଞ୍ଜନ ।

ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୧ଟାରେ ରେଢ଼ାଖୋଲ-ବୀରମହାରାଜପୁର ମୁଖ୍ୟରାସ୍ତା ନିକଟ ଆମ୍ବସରଭଟ୍ଟାର ଏକ ଜଳଖିଆ ଦୋକାନରେ ଜେସିବି ଚାଳକ ପ୍ରଭଞ୍ଜନ ଓ ତାଙ୍କର ଜଣେ ସହଯୋଗୀ ଜେସିବି ରଖି ଜଳଖିଆ କରୁଥିଲେ। ଏହି ସମୟରେ ପିତାମହୁଲ ପଞ୍ଚାୟତ କାଶଲପୁର ଗ୍ରାମର ଚକ୍ର ପାତ୍ର(୪୦) ସେହି ସ୍ଥାନକୁ ଆସିଥିଲେ। ହଠାତ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ତାଙ୍କ ଉପରକୁ ଗୁଳିଚାଳନା କରିଥିଲା। ଗୁଳିଟି ପ୍ରଭଞ୍ଜନଙ୍କ ମୁଣ୍ଡରେ ବାଜିଥିଲା। ପ୍ରଭଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଧାର ନେଇଥିବା ଦେଢ଼ ଲକ୍ଷ ଟଙ୍କା ମାଗିବାରୁ ତାଙ୍କୁ ଗୁଳି ମାଡ କରାଯାଇଥିବା ଆହତ ପ୍ରଭଞ୍ଜନ ପ୍ରକାଶ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। କେସ ନଂ ୨୫/୨୧ ।

ସୂଚନାଯୋଗ୍ୟ ଯେ, ମାସକ ମଧ୍ୟରେ ଉକ୍ତ ଅଞ୍ଚଳରେ ଏହା ଦ୍ୱିତୀୟ ଗୁଳିକାଣ୍ଡ। ଗତ ମାର୍ଚ୍ଚ ୬ ତାରିଖରେ ଟିକରାପଡା ଗ୍ରାମରେ ଗାଁ ଦାଣ୍ଡରେ ଗୁଳିକାଣ୍ଡରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। କ୍ରମାଗତ ଭାବରେ ଅସାମାଜିକ କାର୍ଯ୍ୟ ଘଟୁଥିବାରୁ ଲୋକେ ପୋଲିସ ଉପରୁ ଏକରକମ ଆସ୍ଥା ହରାଇବାକୁ ବସିଲେଣି ।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତିଙ୍କ ସମାବେଶ

**ଭବାନୀପାଟଣା, ୨୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ଏସ୍‌ଏନ୍ କନ୍‌ଫରେନ୍ସ ହଲଠାରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସଦସ୍ୟମାନଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲାପାଳ ଡ.ଗାଭାଳି ପରାଗ ହର୍ଷଦ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ସିଡିଏମ୍‌ଓ ତଥା ପିଏଚ୍‌ଓ ଡ. ଜଳନ୍ଧର ମେହେର, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର, ଡ. ନିହାରେନ୍ଦ୍ର ପଣ୍ଡା, ଡ. ରଞ୍ଜନ ମିତ୍ର, ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ଡିଏସ୍‌ଡବ୍ଲୁଙ୍କ ପ୍ରତିନିଧି ଭାବେ ଅଶୋକ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତଥିଲେ। ଆଶା କର୍ମୀଙ୍କ ଭୂମିକା ସମ୍ପର୍କରେ ତଥା ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସଦସ୍ୟମାନଙ୍କ କାର୍ଯ୍ୟ ଦକ୍ଷତାକୁ ଅଧିକରୁ ଅଧିକ ଲୋକାଭିମୁଖୀ କରାଯିବା ସମ୍ପର୍କରେ ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଶ୍ରେଷ୍ଠ ଆଶା କର୍ମୀ ଭାବେ ମ. ରାମପୁର ବ୍ଲକର ଦୌପଦି ଭୋଇ ଓ କର୍ଲାମୁଣ୍ଡା ବ୍ଲକର ସଙ୍ଗୀତା ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିଲାର ୧୩ଟି ବ୍ଲକର ଶ୍ରେଷ୍ଠ ୧୩ଗାଁ କଲ୍ୟାଣ ସମିତିକୁ 'ସୁସ୍ଥ ଗାଆଁ ପୁରସ୍କାର' ଏବଂ ୫ଟି ବ୍ଲକର ୪ଟି ପଞ୍ଚାୟତକୁ 'ସୁସ୍ଥ ପଞ୍ଚାୟତ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଡା. ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ସିପି ସହକାରୀ ପରିଚାଳକ ହିମାଂଶୁ ବାରିକ ମଞ୍ଚ ପରିଚାଳନା କରିଥିଲା ବେଳେ ସହକାରୀ ପରିଚାଳକ ଆଶା ଅକ୍ଷୟ କୁମାର ରଣା, ସହକାରୀ ପରିଚାଳକ ଗାଁ ସହକାରୀ ସମିତି ରୀତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ୍ ନୀୟମାବଳୀ ଅନୁଯାୟୀ ସମାବେଶ ଆୟୋଜିତ ହୋଇଥିଲା। ଆଶା କର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ ତଥା ସହରାଞ୍ଚଳରେ ମହିଳା ସମିତି ଶତାଧିକ ସଦସ୍ୟ ସମାବେଶରେ ଉପସ୍ଥିତ ଥିଲେ।


ସମାବେଶରେ ପୁରସ୍କୃତ କରାଯାଉଛି।

# ବାଣିଜ୍ୟ କର ବିଭାଗ ପକ୍ଷରୁ ଜିଏସ୍‌ଟି ଚଢ଼ାଉ

**ଭବାନୀପାଟଣା, ୨୪।୩ (ଡି.ଏନ.ଏ.)**

**୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ**

କଳାହାଣ୍ଡି ଜିଲା ବାଣିଜ୍ୟ କର ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଜିଏସ୍‌ଟି ଚଢ଼ାଉ କରାଯାଇଛି। ଏଥିରେ ୨ ଲକ୍ଷ ୧୦ ହଜାର ୬୫୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜୁନାଗଡଠାରେ ୨ଟି ଟ୍ରାକ୍ଟର ଟ୍ରଲି ଭବାନୀପାଟଣାଠାରୁ ଜୟପାଟଣା ନିଆଯାଉଥିବା ବେଳେ ଜିଏସ୍‌ଟି ଠକେଇ ଅଭିଯୋଗରେ ୭୦ ହଜାର ୭୧୬ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ୧୫୯ ପ୍ୟାକେଟ୍ ମିଲଟନ୍ ସାମଗ୍ରୀ ସମ୍ବଲପୁରରୁ ଭବାନୀପାଟଣା ନିଆଯାଉଥିବା ବେଳେ ଭବାନୀପାଟଣା ସହର ନିକଟ ବାନ୍ଦପଲା ସରକାରୀ ଇଞ୍ଜିନିୟରିଂ କଲେଜ ନିକଟରେ ଚଢାଉ କରାଯାଇ ୮୫ ହଜାର ୯୪୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜୁନାଗଡଠାରୁ ରାୟପୁର ଯାଉଥିବା ୭.୫ ମେଟ୍ରିକ ଟନ୍ ଆଇରନ୍ ସାର୍କପ ବୋଝେଇ ଟ୍ରକ୍‌ରୁ ୫୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସମୁଦାୟ ୨ ଲକ୍ଷ ୧୦ ହଜାର ୬୫୬ ଟଙ୍କା ଜରିମାନା ଆଦାୟ ହୋଇଥିଲା। ଅନ୍ୟପଟେ ଧର୍ମଗଡ ସହରର ପ୍ରଜ୍ଞାନ ଟ୍ରେଡ଼ର୍ସରେ ଜିଏସ୍‌ଟି ଠକେଇ ଏବଂ ଟର୍ଣ୍ଣଓଭରରେ ଅନିୟମିତତା ଅଭିଯୋଗରେ ଚଢାଉ ଜାରି ରହିଛି। ଚଢ଼ାଉରେ ବାଣିଜ୍ୟକର ଓ ଜିଏସ୍‌ଟି ଡେପୁଟି କମିଶନର ତପନ ପାଢୀ, ସିଟିଓ ନୀଳାଦ୍ରି ବିହାରୀ ଦାଢିଆ, ଅତିରିକ୍ତ ସିଟିଓ ଭବାନୀ ପଟେଲ, ସହକାରୀ ଜିଏସ୍‌ଟି ଅଫିସର ଶରତ ସେଠ, ଏମ୍. ପୂଝାରି ଓ ନିମେଶ ସାହୁ ପ୍ରମୁଖ ସାମିଲ ଥିଲେ।

# ମା ଜଗଦମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ

**ତରଭା,୨୪।୩(ଡି.ଏନ.ଏ)**

ରାଜସ୍ତରୀୟ କୃଷି ମହୋତ୍ସବରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଘାଟକଇଁତରା ଗ୍ରାମର ମା ଜଗଦମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ ହୋଇଛି। ତରଭା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଦୋରାଙ୍କ ଦ୍ୱାରା ଏହି ଗୋଷ୍ଠୀ ମନୋନୀତ ହୋଇଥିଲା। ଛତୁ ଚାଷରେ ସଫଳତା ପାଇଁ ଭୁବନେଶ୍ୱରରେ ଆୟୋଜିତ କୃଷି ଓଡିଶା ଉତ୍ସବରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସ୍ୱୟଂ ସହାୟକ ଦଳକୁ ମାନପତ୍ର ପ୍ରଦାନ କରିଛନ୍ତି। ସୋନପୁର ଉଦ୍ୟାନ ବିଭାଗ ଓ ମିଶନ ଶକ୍ତି ସହଯୋଗରେ ଗୋଷ୍ଠୀର ମହିଳାମାନଙ୍କୁ ଛତୁ ଚାଷ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ୨୦୧୯ରେ ମହିଳାମାନେ ଛତୁ ଚାଷ ଆରମ୍ଭ କରିଥିଲେ। ଛତୁ ଚାଷ କରି ଗ୍ରାମୀଣ ମହିଳାମାନେ ଏବେ ବାର୍ଷିକ ୬୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରି ପାରୁଛନ୍ତି। ଏହାଦ୍ୱାରା ସେମାନେ ଆର୍ଥିକ ଓ ସାମାଜିକ ସ୍ତରରେ ନିଜକୁ ସ୍ୱାବଲମ୍ବୀ କରି ପାରିଛନ୍ତି । ଏହା ତରଭା ଅଞ୍ଚଳ ପାଇଁ ଗୌରବର ବିଷୟ। ଏ ସମ୍ପର୍କରେ ମା ଜଗଦମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ହଁସ ସୁନା କୁହନ୍ତି, ୨୦୧୭ରେ ଆମେ ଗୋଷ୍ଠୀ ଗଠନ କରିଥିଲୁ। ବହୁ ଅସୁବିଧାରେ ଥିଲୁ। ପରେ ମିଶନ ଶକ୍ତିରେ ସାମିଲ ହୋଇ ଆମେ ଲାଭାନ୍ୱିତ ହୋଇଛୁ। ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇପାରିଛୁ। ଘର ଖର୍ଚ୍ଚ, ମେଡିକାଲ, ଝିଅ ବାହାଘର ଓ ପରିବାରର ଭଲମନ୍ଦରେ ଆମେ ସହାୟତା ହୋଇପାରିଛୁ ବୋଲି କହିଥିଲେ।


ଛତୁ ଚାଷ ପାଇଁ ଏସଏଚଜିର ସଭାନେତ୍ରୀ ହଂସ ସୁନା ସମ୍ମାନିତ ହୋଇଛନ୍ତି ।

# ମାଉଜର, ଗୁଳି ସହ ଜଣେ ଗିରଫ

**ବରଗଡ଼ ଅଫିସ୍,୨୪।୩**

- କଫ ସିରପ୍ ଚାଲାଣବେଳେ ଧରାପଡ଼ିଲେ
- ନିଶା ବଟିକା, ବ୍ୟବହୃତ ସ୍କୁଟି ଜବତ୍


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ହାତରେ ମଙ୍ଗଳବାର କଫ ସିରପ ଚାଲାଣ କାରବାର ଧରାପଡ଼ିଛି। ପୋଲିସ ଉକ୍ତ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଭେଡ଼େନ ଥାନା ଭାଙ୍ଗକୁଦ ଗ୍ରାମର ଦେବେନ୍ଦ୍ର ଧର(୩୮)। ତାଙ୍କ ପାଖରୁ ଗୋଟିଏ ମାଉଜର, ୫ଟି ଗୁଳି, ୪୬୦ଟି କଫ ସିରପ୍, ୮ଟି ନିଶା ଟାବଲେଟ୍, ବ୍ୟବହୃତ ସ୍କୁଟି(ନଂ-ଓଆର୧୫କ୍ୟୁ ୦୬୮୧) ଜବତ୍ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଭେଡ଼େନ ଥାନାରେ ଏକ ମାମଲା(ନଂ.୪୯/୨୧) ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଭେଡ଼େନ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ହେମନ୍ତ ରାଓ ସୂଚନା ଦେଇ କହିଛନ୍ତି, ଗିରଫ ଅଭିଯୁକ୍ତ ମଙ୍ଗଳବାର ଜବତ୍ ସ୍କୁଟି ଯୋଗେ କଫ୍ ସିରପ୍ ଚାଲାଣ କରୁଥିବା ଖବର ମିଳିଥିଲା। ଖବର ପାଇ ଏସଆଇ ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ରୁଷୁଡ଼ା ଫାଣ୍ଡି ମହୁଲପାଲି ଛକରେ ଛପି ରହିଥିଲେ। ଅଭିଯୁକ୍ତ ସେଠାରେ ପହଞ୍ଚିବା ପରେ ଯାଞ୍ଚ କରାଯିବା ପରେ ଉପରୋକ୍ତ ସାମଗ୍ରୀ ତାଙ୍କ ପାଖରୁ ଜବତ୍ ହୋଇଥିବା ଥାନା ଅଧିକାରୀ ରାଓ କହିଛନ୍ତି ।

# ଭାଲୁ ଆକ୍ରମଣରେ ୨ ଗୁରୁତର

**ନୂଆପଡ଼ା ଅଫିସ, ୨୪।୩**

ନୂଆପଡା ସଦର ବ୍ଲକ ସାଧୁପଣ୍ଡରିପାଣି ଗାଁ ପାଖ ଜଙ୍ଗଲକୁ ବୁଧବାର ସକାଳେ ମହୁଲ ଫୁଲ ଗୋଟାଇବା ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଦୁଇଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶଙ୍କର ମାଝି ଓ ତାଙ୍କ ସାନ ଭାଇ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟେ ମହୁଲ ଫୁଲ ସଂଗ୍ରହ କରୁଥିବା ବେଳେ ଭାଲୁ ପଛପଟୁ ଆକ୍ରମଣ କରିଥିଲା। ଚିତ୍କାର କରିବାରୁ ଆଖପାଖ ଲୋକେ ଆସି ଭାଲୁକୁ ଘଉଡାଇ ଥିଲେ। ସେହିପରି ଚନାବେଡା ଗାଁର ଖିରତ ଶବର ପଗାରପାଣି ଜଙ୍ଗଲରେ ଭାଲୁ ଆକ୍ରମଣର ଶିକାର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ଶିକ୍ଷା ସହାୟକଙ୍କୁ ନିୟମିତ କରିବା ଦାବିରେ ଧାରଣା

**ବଲାଙ୍ଗୀର ଅଫିସ, ୨୪।୩**

ବଲାଙ୍ଗୀର ଜିଲା କନିଷ୍ଠ ଶିକ୍ଷକ ସଂଘ ଆନୁକୂଲ୍ୟରେ ୨୦୧୪ବର୍ଷରେ ନିଯୁକ୍ତ ଶିକ୍ଷା ସହାୟକମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ କରିବା ଦାବି ନେଇ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନିଯୁକ୍ତି ପାଇବାର ୬ବର୍ଷରେ ଶିକ୍ଷା ସହାୟକମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ଦେବାର ନିୟମ ରହିଥିଲେ ମଧ ଏହା ସୂଚାରୁରୂପେ କାର୍ଯ୍ୟକାରୀ ହେଉନାହିଁ। ୨୦୧୪ରେ ନିଯୁକ୍ତ ଶିକ୍ଷା ସହାୟକମାନେ ୨୦୨୧ ମାର୍ଚ୍ଚ ସୁଦ୍ଧାର ୬ ବର୍ଷ ଅତିକ୍ରମ କରି ୭ ବର୍ଷ ପୂରଣ କରିବାକୁ ଯାଉଥିଲେ ମଧ ସେମାନଙ୍କୁ ନିୟମିତ ଶିକ୍ଷକଭାବେ ଗଣାଯାଉନାହିଁ। ଏହାର ପ୍ରତିବାଦରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ରାଜ୍ୟ ସରକାର ସମସ୍ତ ଯୋଗ୍ୟ ଶିକ୍ଷା ସହାୟକଙ୍କୁ ନିୟମିତ କରିବା ପାଇଁ ଫେବୃୟାରୀ ୨୦୨୧ରୁ ପ୍ରାଥମିକ ଶିକ୍ଷା ପ୍ରାଧିକରଣଙ୍କ ତରଫରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ, ପ୍ରକଳ୍ପ ସଂଯୋଜକ ଓ ସମସ୍ତ ଜିଲାପାଳଙ୍କୁ ଚିଠି କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ, ପ୍ରକଳ୍ପ ସଂଯୋଜକଙ୍କୁ ବାରମ୍ବାର ଅନୁରୋଧ କଲେ ମଧ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରାଯାଇଛି । ଜିଲାର ଶିକ୍ଷା ସହାୟକମାନଙ୍କୁ ୨୨ ମାର୍ଚ୍ଚ ସୁଦ୍ଧା ନିୟମିତ କରିବା ପାଇଁ କୁହାଯାଇଥିଲା। ଏହା ନହେଲେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଲିଖିତ ଜଣାଯାଇଥିଲା। ଦାବି ପୂରଣ ନ ହେବାରୁ ବୁଧବାରଠାରୁ ଜଲାପାଳ କର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏକ ପ୍ରତିନିଧି ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଚାକିରୀ ନିୟମିତ ସଂକ୍ରାନ୍ତରୀୟ ନିର୍ଦ୍ଦେଶ ପାଇଯିବେ ବୋଲି କହିବା ପରେ ଶିକ୍ଷା ସହାୟକମାନେ ଧାରଣାକୁ ଏପ୍ରିଲ ୭ ପର୍ଯ୍ୟନ୍ତ ସ୍ଥଗିତ ରଖିଥିବା ସଂଘ ସଭାପତି ଅମରେନ୍ଦ୍ର କୁମାର ନାଗ, କାର୍ଯ୍ୟକାରୀ ସଭାପତି ଜଗଦୀଶ ପ୍ରଧାନ, ବିଜେନ୍ଦ୍ର ଚୌଧୁରୀ କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଶିକ୍ଷା ସହାୟକମାନେ।

**ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି, ଜିଲ୍ଲା- ବଲାଙ୍ଗୀର**
**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**
ସଂଖ୍ୟା– 846 ତା23.03.2021
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ତହସିଲ ଅଧୀନରେ ଥିବା ଗୋଟିଏ ସୈରାତ (ମହଖଣ୍ଡ ପଥର ଖାଦାନ-୧) ଉକ୍ତର ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉକ୍ତର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ http://balangir.nic.inରେ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର, କଣ୍ଟାବାଞ୍ଜି

OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC)
DISTRICT-JHARSUGUDA
E-mail: cso.jsg2019@gmail.com, PHONE NO.-9438200044
DISTRICT WEBSITE- jharsuguda.nic.in
TENDER NO. 1093 DT.24.03.21
District Manager, Odisha State Civil Supplies Corporation Ltd., Jharsuguda (District) invites tenders in double cover system through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection & Appointment of Level-I Transport Contractor for Transportation of Food grains from FSD, FCI to RRCs of Jharsuguda District |
| 2 | Availability of bid documents in the portal | From Dt.25.03.2021 |
| 3 | Last date/time for receipt of bids in the portal | Dt.22.04.2021 upto 01.30 P.M. |
| 4 | Date / time of opening of technical bid | Dt.28.04.2021 at 01.30 P.M. |
| 5 | Name & address of the Officer inviting tender | District Manager, OSCSC Ltd., Jharsuguda District |

Tender documents & other details can be seen from the e-procurement portal www.tendersodisha.gov.in along with district website. Amendments/corrigendum/cancellation/retenders etc. if any shall be published only in above websites.
Sd./- District Manager, OSCSC Ltd., Jharsuguda

## ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ତାଲିମ ଶିବିର

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ହରିଶଙ୍କର ରାଜା ବଙ୍ଗଳାଠାରେ ଆତ୍ମା ବଲାଙ୍ଗୀର, ଓାସନ୍ ଓ ଓ୍ବାଇସିଡିଏର ମିଳିତ ଉଦ୍ୟମରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କ୍ଷୁଦ୍ରଶସ୍ୟ ମାଣ୍ଡିଆ, କୋଦୁଅ, ଗୁରୁଜିରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ପକୁଡି, ଲଡୁ, ଜଲେପି, ମାଲପୁଆ ସହ ବିଭିନ୍ନ ରୁଚୁକର ମିଷ୍ଟାନ୍ନ କିପରି କରାଯାଇପାରିବ ସେ ନେଇ ତାଲିମଦାତାମାନେ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ହେମବତୀ ନନ୍ଦନ ବେହେରା, ବାସନ୍ତୀ ମୁଣ୍ଡା, ଫକିର ସାହୁ, ସଦାନନ୍ଦ ବାଗ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ବିଭିନ୍ନ ଗାଁରୁ ଏସଏଚଜି ମହିଳାମାନେ ତାଲିମରେ ଭାଗ ନେଇଥିଲେ ।

**ସଂକ୍ଷେପରେ**

## ବିଡିଓଙ୍କୁ ଭେଟିଲା ସିନିୟର ସିଟିଜେନ ଆସେମ୍ବ୍ଲି କମିଟି

ଲୋଇସିଂହା,୨୪।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗେଟରେ ଥିବା ଥଣ୍ଡା ପାନୀୟ ପ୍ରକଳ୍ପ ବ୍ୟବହାର ଅନୁପଯୋଗୀ। ବସ୍‌ଷ୍ଟାଣ୍ଡଠାରେ ନିର୍ମିତ ଗୋଷ୍ଠୀ ଶୌଚାଳୟ କାମରେ ଲାଗୁନି। ଏହାକୁ ନେଇ ସିନିୟର ସିଟିଜେନ ଆସେମ୍ବ୍ଲି ନାଗରିକ କମିଟି ଅସନ୍ତୋଷବ୍ୟକ୍ତ କରିଛି। ଆବଶ୍ୟକ ପଦକ୍ଷେପ ନେବା ପାଇଁ କମିଟି ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଦୃଷ୍ଟି ଆକର୍ଷଣ କରିଛି। କମିଟି ସଭାପତି ଧର୍ମସିଂ ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ବିଭୂତିଭୂଷଣ ସାହାଣୀ, ସମ୍ପାଦକ ଗଜାନନ ଅଗ୍ରୱାଲ, ବିଶ୍ୱନାଥ ଭୂୟାଁ, ପଞ୍ଚୁ ସା, ରାମଚନ୍ଦ୍ର ପଟେଲ, ସମାରୁ ପଧାନ ପ୍ରମୁଖ ବିଡିଓଙ୍କୁ ଭେଟି ଏସବୁର ମରାମତି ପାଇଁ ଦାବି କରିଛି। ଏହାବାଦ ବ୍ଲକର ପୁରଣା ଗେଟକୁ ଭାଙ୍ଗି ନୂତନ ଗେଟ ନିର୍ମାଣାଧୀନ ରହିଛି। ଭଙ୍ଗା ଯାଇଥିବା ପୁରୁଣା ଗେଟର ସିମେଣ୍ଟ ଖଣ୍ଡ ଓ ଲୁହାରଡ ଅସୁରକ୍ଷିତଭାବେ ପଡିରହିଛି। ଏହାକୁ ତୁରନ୍ତ ଉଠାଇବାକୁ କମିଟି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ ସହ ଲୋଇସିଂହା ତ୍ରିଶୂଳ ବନ୍ଧରେ ଉଦବୃତ୍ତ ବର୍ଷା ପାଣି ନିର୍ଗମ ପଥ ନିର୍ମାଣ କରିବାକୁ ଦାବି କରିଛି ସିଟିଜେନ ଆସେମ୍ବ୍ଲି।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଦେଓଗାଁ,୨୪।୩ (ଡି.ଏନ.ଏ ): ବଲାଙ୍ଗୀର ଜିଲା ଦେଓଗାଁ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ସଭାପତି ଜନ୍ମେଜୟ ସାହୁଙ୍କ ସଭାପତିତ୍ୱ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଏବିଇଓ ଅଜିତ କୁମାର ସାହୁ ଯୋଗଦେଇଥିଲେ। ପ୍ରାକ୍ତନ ଛାତ୍ର ଧିରେନ୍ଦ୍ର ପାଣିଗ୍ରାହୀ, ରାଜକୁମାର ବାରିକ, କରୁଣାକର ବେହେରା, ଅଶୋକ ଅଗ୍ରୱାଲ, ଅଦିତ୍ୟ ସା, କାର୍ତ୍ତିକ ମଲ୍ଲିକ, ଦେବାର ସା ଯୋଗଦେଇ ସ୍କୁଲର ସାମଗ୍ରିକ ବିକାଶ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

## ବିବାହ ଭୋଜିକୁ ଯିବା ବେଳେ ଦୁର୍ଘଟଣା, ଜଣେ ମୃତ

ବୌଦ୍ଧ,୨୪।୩(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଡିଗସିରାଠାରେ ଏକ ଟାଟା ଏସି ଧକ୍କାରେ ଜଣେ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି । ମୃତକ ହେଲେ ରତ୍ନାକର ବିଶ୍ୱାଳ (୪୫)। ପୂର୍ବାହ୍ନ ୧୧ଟାରେ କରଞ୍ଜକଟା ଗ୍ରାମ ତିଲେଇମୁଣ୍ଡା ସାହିର ରତ୍ନାକର ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ନୂଆପଡା ଗ୍ରାମକୁ ଏକ ବାଇକ(ଓଡି୩୧ସି-୯୩୧୬)ରେ ଯାଉଥିଲେ। ଏହି ସମୟରେ ଚାରିଛକ ନିକଟ ଡିଗିସିରାଠାରେ ଏକ ଟାଟା ଏସିଇ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରତ୍ନାକରଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇ ଗାଡିଟି ଫେରାର ହୋଇଯାଇଥିଲା। ପୋଲିସ ଉକ୍ତ ଟାଟା ଏସିଇକୁ କନ୍ଧମାଳ ଜିଲା ଟାଡମେରୁ ଗ୍ରାମରୁ ଜବତ କରିଛି। ଗାଡି ଚାଳକଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ ୩୩/୨୧)ରୁଜୁ ହୋଇଛି ।





ପଥରୁଣ୍ଡା ଗାଁରେ ଜଣେ ବ୍ୟକ୍ତିଙ୍କ ଏୟାର କୁଲରକୁ ହାତୀ ଭାଙ୍ଗି ପକାଇଛି(ବାମ)। ହାତୀ ଭାଙ୍ଗିଥିବା ଖଲିଆପାଲି ପ୍ରାଥମିକ ବିଦ୍ୟାଳୟ କବାଟ ।

# ନଷ୍ଟକଲା ଫସଲ, ଭାଙ୍ଗିଲା ସ୍କୁଲ କବାଟ

**ଲୋଇସିଂହାରେ ହାତୀ ଉପଦ୍ରବ**

ଲୋଇସିଂହା,୨୪।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅଞ୍ଚଳରେ ଗତ ଦୁଇଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି। ଏହି ଅଞ୍ଚଳରେ ବ୍ୟାପକ ଉପଦ୍ରବ ପରେ ହାତୀ ଏବେ ବରଗଡ ଜିଲାକୁ ଚାଲିଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଗତ ୨୦ତାରିଖ ସକାଳେ ସୁବର୍ଣ୍ଣପୁର ଜିଲା ବାଙ୍କତେନ୍ତୁଲି ଗାଁର ଜଣେ ବ୍ୟକ୍ତିଙ୍କୁ ହାତୀ ଦଳି ମାରି ଦେଇଥିଲା । ଏହାପରେ ହାତୀ ସୀମାନ୍ତ ଲୋଇସିଂହା ରେଞ୍ଜକୁ ଆସି ଆତଙ୍କ ସୃଷ୍ଟି କରିଥିଲା। ଯୋଗୀସର୍ଡା-ଖୁଣ୍ଟିଲିମୁଣ୍ଡା ଆରଡି ରାସ୍ତାର ବାଦିବାହାଲ ଗାଁ ହନୁମାନ ଛକରେ ହାତୀମଳ ପଡିଥିବା ମଙ୍ଗଳବାର ସକାଳେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସୋମବାର ରାତିରେ ବାଦିବାହାଲ ଗ୍ରାମର ପୋଖରୀ ନିକଟରେ ବସୁଦେବ ମେହେର ଓ ରତ୍ନାକର ମେହେରଙ୍କ ରବିଧାନ ଚାଷକୁ ମାଡି ଦଳି ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାପରେ ବେନ୍ଦ୍ରା ହାଇସ୍କୁଲ ନିକଟରେ ରହୁଥିବା ରାଧାକାନ୍ତ ମେର୍ଲିଙ୍କ ଘର ପାଚେରି ହାତୀ ଭାଙ୍ଗି ଦେଇଛି। ସେହି ରାତିରେ ହାତୀ ଛେଲିଆପାଟ ସଂରକ୍ଷିତ ଜଙ୍ଗଲୁ ଚାଲି ଯାଇଥିଲା । ମଙ୍ଗଳବାର ରାତିରେ ଛେଲିଆପାଟ ଜଙ୍ଗଲରୁ ବାହାରି ଖଲିଆପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଶି ଶ୍ରେଣୀ ଗୃହର କବାଟ ଭାଙ୍ଗିଦେଇଛି । ପଥରୁଣ୍ଡା ଗ୍ରାମର ଏକ ଇଟା ଭାଟିରେ କାମ କରିବାକୁ ଆସିଥିବା ଶ୍ରମିକମାନଙ୍କ କୁଡିଆକୁ ଦନ୍ତା ଭାଙ୍ଗି ପକାଇଛି। ସେହି ଗାଁର ଟେଙ୍ଗୁନୁ ପାଣ୍ଡେଙ୍କ ଗ୍ରୀଲ ଭାଙ୍ଗି ଏୟାର କୁଲରକୁ ଫିଙ୍ଗା ଫୋପଡା କରିଥିଲା। ଏପରିକି ଟେଙ୍ଗୁନୁକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ସେ କହିଛନ୍ତି। ଗତ ଦୁଇଦିନ ଭିତରେ ହାତୀ ଉପଦ୍ରବରେ କ୍ଷୟକ୍ଷତିର ଆକଳନ କରାଯାଉଛି ବୋଲି ଫରେଷ୍ଟ ମଧୁସୂଦନ ଗଡୁଆ କହିଛନ୍ତି ।

# ପିଲାଙ୍କୁ ଏମ୍‌ଡିଏମ୍ ପ୍ରାପ୍ୟ ପ୍ରଦାନରେ ବିଳମ୍ବ

ଲାଠୋର, ୨୪।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀର ଶତାଧିକ ପିଲାଙ୍କୁ ୨୦୨୦ମସିହାର ଏମଡିଏମ(ମଧ୍ୟାହ୍ନ ଭୋଜନ) ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ପଞ୍ଚାୟତ ଅଧୀନ କୁଶପାଲି, ଗୁର୍ଜିଭଟା, ନକଟାବାହାଲ, ହଲନଭଟା, ଭାଲୁକୁନା, ଡେବରିଆମୁଣ୍ଡା, ଖର୍ଲି ଓ ବିଜମାଲ ପଡାରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଥମରୁ ପଞ୍ଚମ ଶ୍ରେଣୀ ଯାଏ ୫୧୨ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ୩୨୪ ଜଣ ଏହିପରି ମୋଟ ୮୩୬ ପିଲା ପଢୁଛନ୍ତି। ଦୈନିକ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏମଡିଏମ ବାବଦକୁ ୪ ଟଙ୍କା ୫୨ ଏବଂ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୮ ଟଙ୍କା ୧୦ ପଇସା ସରକାର ପ୍ରଦାନ କରୁଛନ୍ତି। ଏହିକ୍ରମରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ପିଲାଙ୍କ ୯୦ ଦିନର ଟଙ୍କା ତୁରେକେଲା ଗ୍ରାମୀଣ ଉତ୍କଳ ବ୍ୟାଙ୍କରେ ବିଦ୍ୟାଳୟ ପକ୍ଷରୁ ଚେକ୍ ଆକାରରେ ଜମା କରାଯାଇଥିଲା। ପିଲାଙ୍କ ପାସ୍‌ବହିରେ ଉକ୍ତ ଟଙ୍କା ଜମା ଦେବା ପାଇଁ ଅଗଷ୍ଟ ୨୦୨୦ରୁ କୁହାଯାଇଥିଲେ ମଧ ବ୍ୟାଙ୍କ ଆଜିଯାଏଁ ପିଲାଙ୍କ ପାସ୍‌ବହିକୁ ଟଙ୍କା ଟ୍ରାନ୍ସଫର କରିନାହିଁ। ପ୍ରଥମ ପର୍ଯ୍ୟାୟର ଟଙ୍କା ପିଲାମାନେ ପାଇ ନ ଥିବା ବେଳେ ପରବର୍ତ୍ତୀ ୩ ପର୍ଯ୍ୟାୟର ୧୪୧ ଦିନର ଟଙ୍କା ବିଦ୍ୟାଳୟମାନଙ୍କୁ ଆସିଥିଲେ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷ ବ୍ୟାଙ୍କରେ ଜମା ଦେଇପାରୁନାହାନ୍ତି। ଶିକ୍ଷକମାନେ ବ୍ୟାଙ୍କକୁ ଯାଇ ଶାଖା ପରିଚାଳକଙ୍କୁ ପଚାରିଲେ କର୍ମଚାରୀ ଅଭାବ ହେତୁ ଆମେ ପିଲାଙ୍କ ପାସ ବହିକୁ ଟଙ୍କା ଟ୍ରାନ୍ସଫର କରି ପାରିନାହୁଁ ବୋଲି କହୁଛନ୍ତି। କେବଳ ହଲନଭଟା ନୁହେଁ, ଅନେକ ପଞ୍ଚାୟତରେ ଏହିଭଳି ସମସ୍ୟା ରହିଛି। ଶାଖା ପରିଚାଳକ ମନୋଜ କୁମାର ଦଳାଇଙ୍କୁ ପଚାରିବାରୁ ଯଥାଶୀଘ୍ର ଆମେ ପିଲାଙ୍କୁ ଟଙ୍କା ଦେବା ପାଇଁ ଚେଷ୍ଟା କରୁଛୁ ବୋଲି କହିଛନ୍ତି ।

## ସୁବଳୟାରେ ଜିଲା କୃଷି ସଂଯୋଜନା କାର୍ଯ୍ୟକ୍ରମ



ସୁବଳୟାରେ କୃଷି ସଂଯୋଜନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କୃଷି ଅଧିକାରୀ ।

**୫୦ ଚାଷୀ ନେଲେ କୃଷି ସମ୍ପର୍କିତ ତାଲିମ**

ଅମରପାଲି,୨୪।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା କୃଷି ସଂଯୋଜନା କାର୍ଯ୍ୟକ୍ରମ ତଥା ଚାଷ ଉନ୍ନତି ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲିଲି ପାତ୍ର, କର୍ଡାପାଲ ଉପ କୃଷି ଅଧିକାରୀ ତୁଷାରକାନ୍ତ ସାହୁ, ଖଣ୍ଡହତା ଭିଏଡବ୍ଲୁ ପ୍ରକାଶ ଭୋଇ, ମୀନକେତନ ମହାକୁର, ସ୍ୱେଚ୍ଛାସେବୀ ଶେଷଦେବ ବାରିକ, ରମାକାନ୍ତ ପୁରୋହିତ, ହରଗୌରୀ ୱେଲଫେୟାର ସୋସାଇଟିର ନିର୍ଦ୍ଦେଶକ ପ୍ରଭାରଞ୍ଜନ କର୍ମୀ ଅତିଥି ଭାବେ ଯୋଗଦେଇଥିଲେ। କାରିତାସ ଜର୍ମାନୀ, କାରିତାସ ଇଣ୍ଡିଆ ଓ ଏଜେଏସଏ ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମ। ଏଥିରେ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। କୃଷି ବିଭାଗ ଅଧିକାରୀମାନେ ଉନ୍ନତମାନର ଚାଷ ପ୍ରଣାଳୀ ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ ।

# ତାଜା ହୋଇଗଲା ଓଡ଼ିଶାର ଗାନ୍ଧୀସ୍ମୃତି

**ମଞ୍ଚସ୍ଥ ହେଲା ନାଟକ ଗାନ୍ଧୀଙ୍କ ଓଡ଼ିଶା**

ବଲାଙ୍ଗୀର ଅଫିସ, ୨୪।୩



ଗାନ୍ଧୀଙ୍କ ଓଡ଼ିଶା ନାଟକର ଏକ ଦୃଶ୍ୟ।

ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ନାଟକ ଗାନ୍ଧୀଙ୍କ ଓଡିଶା ମଞ୍ଚସ୍ଥ ହୋଇଛି। ଏହି ନାଟକର ଐତିହାସିକ ମାର୍ମିକ କଥାବସ୍ତୁ, ଚମତ୍କାର ନିର୍ଦ୍ଦେଶନା ଓ ଅଭିନେତାମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଶହେବର୍ଷ ତଳର ଓଡିଶାର ଜନଜୀବନ, ଗରିବୀ ଓ ସାମାଜିକ ଜାତିବିଭେଦ ସହ ପରିଚିତ କରିଥିଲା । ଗାନ୍ଧୀ ଓଡିଶାକୁ ଆସିଲା ପରେ ଓଡିଆ ଜାତିର ଚରମ ଦୁର୍ଦ୍ଦଶାକୁ ଦେଖି କିଭଳି ବ୍ୟଥିତ ହୋଇଥିଲେ ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା । ଖଣ୍ଡବିଖଣ୍ଡିତ ଓଡିଶାକୁ ଏକ ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ତତ୍କାଳୀନ ଓଡିଆ ମହାନୁଭବଙ୍କୁ ଗାନ୍ଧୀଜୀଙ୍କ ମାର୍ଗଦର୍ଶନ କିଭଳି ଓଡିଆ ଅସ୍ମିତା ଖୋଜିବାରେ ସହାୟକ ହୋଇଥିଲା ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା । ୨୩ ମାର୍ଚ୍ଚ ୧୯୨୧ରେ ଗାନ୍ଧୀ ଓଡିଶା ପ୍ରଥମେ ଆସିଥିଲେ। ତାଙ୍କର ପ୍ରତ୍ୟେକ ଗସ୍ତ ଓ ବିଭିନ୍ନ ସ୍ଥାନର ମାର୍ମିକ ଚିତ୍ରକୁ ନାଟକରେ ଉପସ୍ଥାପନ କରାଯାଇଥିଲା । ୧୦୦ ବର୍ଷ ତଳର ଗାନ୍ଧୀ ଆଗମନର ସ୍ମୃତିକୁ ନାଟକ ଗାନ୍ଧୀଙ୍କ ଓଡିଶା ପୁଣି ଥରେ ତାଜା କରିଦେଇଥିବା ଦର୍ଶକମାନେ କହିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ବ୍ୟବସ୍ଥାପନାରେ ବଲାଙ୍ଗୀର କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ନାଟକ ଗାନ୍ଧୀଙ୍କ ଓଡିଶା ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଶଙ୍କର ତ୍ରିପାଠିଙ୍କ ଲିଖିତ ନାଟକକୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ନିର୍ଦ୍ଦେଶନା ଦେଇଥିଲେ । ନାଟକ ପୂର୍ବରୁ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ମୁଖ୍ୟଅତିଥି, ଐତିହାସିକ ଡ. ଶିବପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ସମ୍ମାନିତଅତିଥି ଭାବେ ଯୋଗଦେଇଥିଲେ।

## ଆଞ୍ଚଳିକ ବିକାଶ ପରିଷଦର ଗାଁକୁ ଚାଲ ଅଭିଯାନ

ଲୋଇସିଂହା, ୨୪।୩(ଡି.ଏନ.ଏ.)

ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନକ୍ରମେ ବ୍ଲକ ଅଫିସ ଆଗରେ ଗଣଧାରଣା ଚାଲିଛି। ବୁଧବାର ଗଣଧାରଣାକୁ ମାସେ ପୂରିଛି। ହେଲେ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାରେ ବିଳମ୍ବ କରୁଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଆନ୍ଦୋଳନକୁ ଜୋରଦାର କରିବା ଲାଗି ଆଞ୍ଚଳିକ ବିକାଶ ପରିଷଦ ଅଣ୍ଟା ଭିଡି ଗାଁକୁ ଚାଲ ଅଭିଯାନ ଆରମ୍ଭ କରିଛି । ବୁର୍ଡା ଓ ବାଞ୍ଜିପାଲି ଗ୍ରାମରେ ସ୍ୱତନ୍ତ୍ର ବୈଠକ କରାଯାଇଛି। ଅଞ୍ଚଳର ବିକାଶ ଓ ସ୍ୱାଭିମାନ ପାଇଁ ଏକତା ଏବଂ ଲଢେଇର ଆବଶ୍ୟକତା ରହିଥିବା କୁନା ଭୋଇ, ପ୍ରଶାନ୍ତ ବେହେରା, ସରୋଜ ବିଶ୍ୱାଳ, ଲାଲମନ ନାଗ, ସହଦେବ ସା ପ୍ରମୁଖ ବକ୍ତାମାନେ ମତ ରଖିଥିଲେ । ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଗତ ଫେବୃୟାରୀ ୨୪ରୁ ସ୍ଥାନୀୟ ବ୍ଲକ ଅଫିସ ଆଗରେ ବିକାଶ ପରିଷଦ ଆହ୍ୱାନରେ ପ୍ରସ୍ତାବିତ ଲୋଇସିଂହା ଏନଏସି ଅଧୀନ ଗ୍ରାମର ୫୦ଟି ସଂଗଠନ ଓ ଅନୁଷ୍ଠାନ ସାମିଲ ହୋଇ ଧାରଣାକୁ ସମର୍ଥନ ଜଣାଉଛନ୍ତି।

## ପ୍ରଦର୍ଶିତ ହେଲା ବିଭିନ୍ନ କିସମର ଦେଶୀବିହନ



ବିଭିନ୍ନ କିସମର ଦେଶୀ ବିହନ ପ୍ରଦର୍ଶନ କରାଯାଉଛି।

ଖପ୍ରାଖୋଲ, ୨୪।୩(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଟେଲେନପାଲି ପଞ୍ଚାୟତ ଯମୁନାପାଲିରେ ଦେଶୀ ବିହନ ମେଳା ଆରସିଡିସି ବଲାଙ୍ଗୀର ଓ ଗନ୍ଧମାର୍ଦ୍ଦନ ଖାଦ୍ୟ ସୁରକ୍ଷା ମହାସଂଘ ମିଳିତ ଉଦ୍ୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେଳାକୁ ଦେଶୀ ବିହନ ବିଶେଷଜ୍ଞ ରାଜେଶ କୁମାର ପଧାନ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ରାୟଗଡାର ଅଗ୍ରଣୀ ଜୈବିକ ଚାଷୀ ଋଷି କିମ୍ବାକାନ୍ତ, ଆରସିଡିସିର ଆର.ଏମ୍. ଶମ୍ଭୁ ସାହୁ, ସୁଦର୍ଶନ ସାହୁ, ଟେକେନ୍ଦ୍ର ଜାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ସଂଯୁକ୍ତାରାଣୀ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଭିନ୍ନ ପ୍ରକାରର ଦେଶୀ ଧାନ ବିହନ, ଡାଲି ଜାତୀୟ ଶସ୍ୟ ବିହନ, ତୈଳବୀଜ, ଶାଗ, ପନିପରିବା ଆଦି ପ୍ରଦର୍ଶିତ ହୋଇଥିଲା। ସେହିପରି ଜୈବିକ ସାର ଓ କୀଟନାଶକର ପ୍ରସ୍ତୁତି ଓ ବ୍ୟବହାର ଉପରେ ବିଶେଷଜ୍ଞମାନେ କହିଥିଲେ। ବୈକୁଣ୍ଠ ବାଗ, ଲିଙ୍ଗରାଜ ନିଆଲ, ମୁକେଶ କୁଅଁର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

# ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ

ବଲାଙ୍ଗୀର ଅଫିସ, ୨୪।୩

ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର (କେବିକେ)ର ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ ବୁଧବାର କେବିକେ ସଭାଗୃହରେ ଅନୁଷ୍ଠିତ ହୋଇଛି। ବିଗତ ବର୍ଷର କାର୍ଯ୍ୟକ୍ରମ ଆଲୋଚନା ଓ ଆଗାମୀ ବର୍ଷର କାର୍ଯ୍ୟଖସଡା ଉପରେ ଆଲୋଚନା କରିବା ପାଇଁ ଗୁଗୁଲ ମିଟ୍ ଜରିଆରେ ଅନୁଷ୍ଠିତ ବୈଠକରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ବିଭାଗ ଡିନ୍ ପ୍ରଫେସର ଲଳିତ ମୋହନ ଗଡନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଭାରତୀୟ କୃଷି ଗବେଷଣା ପରିଷଦ ଆଟାରୀ, କୋଲକତାର ନିର୍ଦ୍ଦେଶକ ଡ. ଏସ୍.କେ. ରାୟ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବଲାଙ୍ଗୀର କେନ୍ଦ୍ର ସଭାଗୃହରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ ମହାନ୍ତି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶାରଦା ନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ, ଲିଟ୍ ବ୍ୟାଙ୍କ ମ୍ୟାନେଜର ହିମାଂଶୁ ପାତ୍ର, ରାଇଟ୍ ଅଧ୍ୟକ୍ଷ ପିଟର କେରକେଟା, ପ୍ରାଣୀ ଚିକିତ୍ସକ ଡ ଦେବଦତ୍ତ ତ୍ରିପାଠୀ, ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁପ୍ରଭା ସେଠୀ, କୃଷି ଅଧିକାରୀ ସୁଧାକର ନନ୍ଦ, ପଲିଟେକ୍ନିକ କଲେଜ ଅଧ୍ୟକ୍ଷ ବିଜୟ ଗୁଡୁ, ଅଗ୍ରଣୀ ମହିଳା ଓ ପୁରୁଷ ଚାଷୀ ସଦସ୍ୟ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଆଶିଷ ଦାସ ପରିଚୟ ପ୍ରଦାନ କରିଥିଲେ। ବୈଠକର ଆଭିମୁଖ୍ୟ ବିଭିନ୍ନ ଶସ୍ୟରୋଗ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ଉତ୍ପାଦନ ସଂଘ ଜରିଆରେ ଚାଷୀ ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଡ. ରାୟଙ୍କ ଲିଖିତ ପନିପରିବାରେ ଠିକ୍ ବିଷ ପ୍ରୟୋଗ ବହି ଉନ୍ମୋଚିତ ହୋଇଥିଲା ।

## ସେଲ୍‌ଫି ପଏଣ୍ଟ ଦାବି କଲା କୋଶଳ କମିଟି

ବେଲପଡା, ୨୪।୩(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସବ୍‌ଡିଭିଜନ, ବ୍ଲକସ୍ତରରେ ସେଲଫି ପଏଣ୍ଟ ନିର୍ମାଣ ପାଇଁ ଯୋଜନା କରିଛନ୍ତି। ତେବେ ବେଲପଡା ବ୍ଲକ ଅଞ୍ଚଳରେ ଆଇ ଲଭ ବେଲପଡା ସେଲ୍ଫି ପଏଣ୍ଟ ନିର୍ମାଣ କରିବା ପାଇଁ କୋଶଳ କମିଟି ଦାବି କରିଛି। ବ୍ଲକ କୋଶଳ କମିଟି ସଭାପତି ବନମାଳୀ ନାଏକ ବିଡିଓ ଭିକ୍ଟର ସୋରେଙ୍ଗଙ୍କୁ ଭେଟି ଏ ନେଇ ଦାବି ଜଣାଇଛନ୍ତି।

# ନିରାକରଣ ପାଇଁ ସହଯୋଗ ଲୋଡ଼ା

**ବରଗଡ଼ରେ ବିଶ୍ୱ ଯକ୍ଷ୍ମା ଦିବସ**

ବରଗଡ଼ ଅଫିସ୍,୨୪।୩




ବିଶ୍ୱ ଯକ୍ଷ୍ମା ଦିବସରେ ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମଓ) ଡା. ଅରୁଣ କୁମାର ପାତ୍ର, ଡା, ବିଭୁତି ଭୂଷଣ ମେହେର, ଡା. ସାଧୁଚରଣ ଦାଶ, ଡା. ବିନୟ କୁମାର ବେହେରା, ଡା. ଆର. ଏନ ଦରୱାନ, ଡିପିଏମ ଶଙ୍କର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସିଡ଼ିଏମଓ ଡା. ପାତ୍ର ବିଶ୍ୱ ଯକ୍ଷ୍ମା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଡା. ଦରୱାନ ଜିଲାରେ ଯକ୍ଷ୍ମା ରୋଗର ସ୍ଥିତି ଏବଂ ନିରାକରଣ ଉପରେ ଟିପ୍ପଣୀ ଦେଇଥିଲେ। ଜିଲାରେ ଗତବର୍ଷ ଥିବା ୧୩୫୭ଜଣ ଯକ୍ଷ୍ମା ରୋଗୀଙ୍କ ମଧ୍ୟରୁ ୯୩୦ ଜଣ ସୁସ୍ଥ ହୋଇସାରି ଥିବା ଡା. ବେହେରା ସୂଚନା ଦେଇଥିଲେ। ଆସନ୍ତା ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗର ନିରାକରଣ ତଥା ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ସେ କହିଥିଲେ । ସେହିପରି ୨୦୧୮ ମସିହାରୁ ସମସ୍ତ ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବାବଦକୁ ମାସିକ ୫୦୦ ଟଙ୍କା ଲେଖାଏଁ ଦିଆଯାଉଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ଯକ୍ଷ୍ମା ରୋଗ ନିରାକରଣ ପାଇଁ ଏକ ସଚେତନତା ରଥକୁ ସିଡ଼ିଏମଓ ଉଦଘାଟନ କରିଥିଲେ। ଶେଷରେ ଡିପିଏମ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳିନି ଆବାସ ଗୃହ, ଟ୍ରାଇ ସାଇକେଲ

- ୨୩ ବର୍ଷ ଧରି ଗୁରୁଣ୍ଡି ଯିବା ଆସିବା କରୁଛନ୍ତି
- ଭିନ୍ନକ୍ଷମ ପ୍ରମିଳାଙ୍କ ପାଇଁ ସରକାରୀ ଯୋଜନା ସାତସପନ

ବିନିକା,୨୪।୩(ଡି.ଏନ୍.ଏ.)



ଘର ବାରଣ୍ଡାରେ ଭିନ୍ନକ୍ଷମ ପ୍ରମିଳା।

ପ୍ରମିଳା ବେହେରା। ବୟସ ୨୬। ହେଲେ ଏହି ଯୁବାବସ୍ଥାରେ ସେ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାନ୍ତି। ଆଜିକୁ ୨୩ ବର୍ଷ ହେଲା ସେ ଚାଲି ପାରୁନାହାନ୍ତି । ଶିଶୁ ଅବସ୍ଥାରେ କୌଣସି ରୋଗରେ ପୀଡିତ ହୋଇ ସେ ହୋଇ ପଡିଲେ ଚଳତ୍‌ଶକ୍ତିହୀନ। ଭଲ ଭାବେ କଥା ମଧ ହୋଇ ପାରୁନାହାନ୍ତି। ସେହିଦିନ ଠାରୁ ମା'ବାପାଙ୍କ ସେବା ଯତ୍ନରେ ରହି ବଢି ଆସିଛନ୍ତି ଏ ଯାବତ୍।

ପ୍ରମିଳାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗାମର କୁଡାପଡା ସାହିରେ। ସେ ହେଉଛନ୍ତି କମ୍ବୁପାଣି ବେହେରା(୬୦) ଏବଂ ଡାଲିମ୍ବ (୫୫)ଙ୍କ ସାନ ଝିଅ। ୧୦୦ ଭାଗ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ଏହି ଯୁବତୀଙ୍କ ପାଇଁ ସରକାରୀ ଯୋଜନା ସତେ ଯେମିତି ଅପହଞ୍ଚ ପାଲଟିଛି । ଭିନ୍ନକ୍ଷମ ଭତ୍ତା ଓ ମାସିକ ୫ କେଜି ଚାଉଳ ଛଡା ଆଉ କିଛି ସାହାଯ୍ୟ ପାଉନାହାନ୍ତି। ଭିନ୍ନକ୍ଷମ କୋଟାରେ ଆବାସ ଗୃହ ଓ ୩୫ କେଜି ଚାଉଳ ପାଇବା କଥା । କିନ୍ତୁ ତାହା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଭଙ୍ଗା ଖପର ଘରେ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି । ଆବାସ ଯୋଜନାରେ ଘର ମିଳିବା ପାଇଁ ତାଙ୍କ ମା' ବାପା ବହୁବାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସେହିପରି ଅଦ୍ୟାବଧି ତାଙ୍କୁ ଟ୍ରାଇ ସାଇକେଲଟିଏ ମିଳିନାହିଁ । ପ୍ରମିଳାଙ୍କ ମା ଡାଲିମ୍ବ କହିଛନ୍ତି, ଝିଅ ୮ ମାସର ହୋଇଥିବା ବେଳେ ହାତଗୋଡ ଏକରକମ ଅଚଳ ହୋଇପଡିଲା। ଝିଅକୁ ଗାଧୋଇ ଦେବା ଠାରୁ ଖୁଆଇବା ପର୍ଯ୍ୟନ୍ତ ସବୁ କରିବାକୁ ପଡୁଛି। ଆମର ରୋଜଗାର ସେମିତି ନାହିଁ। ଆବାସ ଯୋଜନାରେ ଘର ପାଇଁ ବହୁବାର ଧାଇଁଲୁଣି। ଏଯାଏ ମିଳିନାହିଁ। ସରକାରୀ ଯୋଜନାରେ ଥିବା ସୁବିଧା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି ।